रेलवे भर्ती बोर्ड / RAILWAY RECRUITMENT BOARDS
सीईएन - 04/2026 - जेई, डीएमएस, सीएमए - CEN - 04/2026 - JE, DMS, CMA

Test Date	27/10/2026
Test Time	4:30 PM - 6:00 PM
Subject / Exam Group	RRB JE DMS CMA CBT I

*** Note**
Correct Answer will carry 1 mark per Question.
Incorrect Answer will carry 1/3 Negative mark per Question.

1. Options shown in green color with a tick icon are correct.
2. Chosen option on the right of the question indicates the option selected by the candidate.

Section : **RRB JE DMS CMA CBT I**

Q.1 ଚିପକୋ ଆନ୍ଦୋଳନ, ଯାହାକି ଗଛ କଟାକୁ ରୋକିବା ପାଇଁ ଗ୍ରାମବାସୀମାନେ ବୃକ୍ଷଗୁଡ଼ିକୁ ଆଲିଙ୍ଗନ କରିବା ସହ ଜଙ୍ଗଲ ନଷ୍ଟ ବିରୋଧରେ ଏକ ତୃଣମୂଳ ସ୍ତରୀୟ ପଦକ୍ଷେପ ଥିଲା, ତାହା ବର୍ତ୍ତମାନର କେଉଁ ରାଜ୍ୟରୁ ଆରମ୍ଭ ହୋଇଥିଲା?

Ans
- ✗ 1. ହିମାଚଳ ପ୍ରଦେଶ
- ✗ 2. ଝାଡଖଣ୍ଡ
- ✓ 3. ଉତ୍ତରାଖଣ୍ଡ
- ✗ 4. ସିକ୍କିମ

Q.2 କେନ୍ଦ୍ରୀୟ ବଜେଟ 2026–27 ରେ ଘୋଷଣା କରାଯାଇଥିବା 'ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ 2.0, କମ୍ପ୍ୟୁଟର-ପ୍ରଯୁକ୍ତିବିଦ୍ୟା ବିକାଶର କେଉଁ କ୍ଷେତ୍ର ଉପରେ ମୁଖ୍ୟତଃ ଧ୍ୟାନ ଦେଇଥାଏ?

Ans
- ✗ 1. ଅନଲାଇନ ଗେମିଙ୍ଗ ସାର୍ଟିଫିକେସନ ଏବଂ ୟୁଜର ସୁରକ୍ଷା
- ✓ 2. ଚିପ (Chip) ଉପକରଣ, ମ୍ୟାଟେରିଆଲ ଏବଂ ଉନ୍ନତ ଉତ୍ପାଦନ
- ✗ 3. ଡିଜିଟାଲ ପେମେଣ୍ଟ ଅଥେଣ୍ଟିକେସନ ଏବଂ ସେଟେଲମେଣ୍ଟ
- ✗ 4. ଗ୍ରାମୀଣ ବ୍ରଡବ୍ୟାଣ୍ଡ ମ୍ୟାପିଙ୍ଗ ଏବଂ ଶୁଳ୍କ ନିୟନ୍ତ୍ରଣ

Q.3 ଧାତୁଗୁଡ଼ିକର ଭୌତିକ ଧର୍ମ ବିଷୟରେରେ ନିମ୍ନଲିଖିତ ମଧ୍ୟରୁ କେଉଁ ବିବୃତିଟି ସତ୍ୟ ଅଟେ?

Ans
- ✗ 1. ସମସ୍ତ ଧାତୁ କଠିନ ଅଟେ ଏବଂ ଏଗୁଡ଼ିକୁ ଛୁରୀ ଦ୍ୱାରା କଟାଯାଇପାରିବ ନାହିଁ ।
- ✓ 2. ଏକ ଧାତୁର ଧ୍ୱନିକ (sonority) ଏହାର ଆଘାତ ସମୟରେ କମ୍ପନ ହେବାର କ୍ଷମତା ଯୋଗୁଁ ହୋଇଥାଏ ।
- ✗ 3. ସମସ୍ତ ଧାତୁ ସମାନ ଭାବେ ବିଦ୍ୟୁତ ଶକ୍ତିର ସୁପରିବାହୀ ଅଟନ୍ତି ।
- ✗ 4. ପାରଦ ଏକମାତ୍ର ଧାତୁ ଅଟେ, ଯାହା କୋଠରୀ ତାପମାତ୍ରାରେ କଠିନ ଅବସ୍ଥାରେ ଥାଏ ।

Q.4 ଭାରତର ସବୁଠାରୁ ପୁରୁଣା ଲୁହା ଓ ଇସ୍ପାତ କାରଖାନା, ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ (TISCO), 1907 ମସିହାରେ ସୁବର୍ଣ୍ଣରେଖା ଓ ଖରକାଇ ନଦୀର ସଙ୍ଗମ ସ୍ଥଳରେ କେଉଁ ସହରରେ ପ୍ରତିଷ୍ଠା କରାଯାଇଥିଲା?

Ans
- ✗ 1. ଦୁର୍ଗାପୁର
- ✓ 2. ଜାମସେଦପୁର
- ✗ 3. ରାଉରକେଲା
- ✗ 4. ଭିଲାଇ

Q.5 ଏକ ସହରର ବର୍ତ୍ତମାନର ଜନସଂଖ୍ୟା 16,000 ଅଟେ। ଏହା ପ୍ରଥମ ବର୍ଷରେ 40% ବୃଦ୍ଧି ପାଏ ଏବଂ ଦ୍ୱିତୀୟ ବର୍ଷରେ 50% ବୃଦ୍ଧି ପାଏ କିନ୍ତୁ ତୃତୀୟ ବର୍ଷରେ 35% ହ୍ରାସ ପାଏ । ତୃତୀୟ ବର୍ଷ ଶେଷରେ ସହରର ଜନସଂଖ୍ୟା କେତେ?

Ans
- ✗ 1. 20,580
- ✗ 2. 19,320
- ✗ 3. 23,100
- ✓ 4. 21,840

Q.6 ଯଦି $6a - b + 3c = -9$, $a + b - c = 4$ ଏବଂ $3a - b + 4c = -5$ ହୁଏ ତେବେ $a + b + c$ ର ମୂଲ୍ୟ କେତେ?

Ans

✗ 1. -1

✗ 2. 1

✓ 3. 6

✗ 4. 0

Q.7 ଦୁଇଟି ମୌଳିକ, କ୍ୟାଲସିୟମ (ପରମାଣୁ କ୍ରମାଙ୍କ 20, ବସ୍ତୁତ୍ୱ ସଂଖ୍ୟା 40) ଏବଂ ଆର୍ଗନ (ପରମାଣୁ କ୍ରମାଙ୍କ 18, ବସ୍ତୁତ୍ୱ ସଂଖ୍ୟା 40) କୁ ତୁଳନା କରାଯାଇଛି । ପ୍ରଦତ୍ତ ମୌଳିକଗୁଡ଼ିକ ପାଇଁ ନିମ୍ନଲିଖିତ ବିବୃତିଗୁଡ଼ିକ ମଧ୍ୟରୁ କେଉଁଟି ସଠିକ ଅଟେ ?

Ans

✓ 1. ଏଗୁଡ଼ିକର ସମାନ ବସ୍ତୁତ୍ୱ ସଂଖ୍ୟା କିନ୍ତୁ ଭିନ୍ନ ଭିନ୍ନ ପରମାଣୁ କ୍ରମାଙ୍କ ଥିବାରୁ ଏଗୁଡ଼ିକ ଆଇସୋବାର ଅଟନ୍ତି ।

✗ 2. ସମାନ ପରମାଣୁ କ୍ରମାଙ୍କ ଥିବାରୁ ଏଗୁଡ଼ିକ ଆଇସୋବାର ଅଟନ୍ତି।

✗ 3. ଏଗୁଡ଼ିକର ସମାନ ପରମାଣୁ କ୍ରମାଙ୍କ କିନ୍ତୁ ଭିନ୍ନ ଭିନ୍ନ ବସ୍ତୁତ୍ୱ ସଂଖ୍ୟା ଥିବାରୁ ଏଗୁଡ଼ିକ ଆଇସୋଟୋପ୍ ଅଟନ୍ତି ।

✗ 4. ଉଭୟର ବସ୍ତୁତ୍ୱ ସଂଖ୍ୟା ଏବଂ ପରମାଣୁ କ୍ରମାଙ୍କ ସମାନ ହୋଇଥିବାରୁ ଏଗୁଡିକ ସମରୂପ ଅଟନ୍ତି ।

Q.8 ରମଣଙ୍କ ମାସିକ ଆୟ ₹21,000 ଅଟେ । ସେ ତାଙ୍କ ଆୟର 19% ସଞ୍ଚୟ କରନ୍ତି । ଯଦି ତାଙ୍କ ଆୟ 14% ବୃଦ୍ଧି ପାଏ ଏବଂ ତାଙ୍କ ଖର୍ଚ୍ଚ 20% ବୃଦ୍ଧି ପାଏ, ତେବେ ତାଙ୍କର ସଞ୍ଚୟ କେତେ ହେବ?

Ans

✗ 1. ₹457 ହ୍ରାସ

✓ 2. ₹462 ହ୍ରାସ

✗ 3. ₹459 ବୃଦ୍ଧି

✗ 4. ₹458 ବୃଦ୍ଧି

Q.9 ନିମ୍ନଲିଖିତ କେଉଁଟି କ୍ଲୋରିନ ସହିତ ପ୍ରତିକ୍ରିୟା କରି ଏକ ସୋଡିୟମ ପରମାଣୁର ଏକ ଧନାତ୍ମକ ଆୟନ ଗଠନ ସମ୍ବନ୍ଧରେ ପ୍ରକ୍ରିୟାକୁ ସର୍ବୋତ୍ତମ ଭାବରେ ବ୍ୟାଖ୍ୟା କରେ ?

Ans

✗ 1. ଏକ ସୋଡ଼ିଅମ ପରମାଣୁ ବୈଦ୍ୟୁତିକ ଭାବରେ ନିରପେକ୍ଷ ରହିବା ପାଇଁ ଏହାର ସମସ୍ତ ଇଲେକଟ୍ରନକୁ ବଜାୟ ରଖେ

✗ 2. ଏକ ସୋଡିୟମ ପରମାଣୁ ଏହାର ବାହ୍ୟତମ କୋଷକୁ ପୂର୍ଣ୍ଣ କରିବା ପାଇଁ ଗୋଟିଏ ଇଲେକଟ୍ରନ ଗ୍ରହଣ କରେ

✓ 3. ଏକ ସୋଡ଼ିୟମ ପରମାଣୁ ଏକ ସ୍ଥିର ଇଲେକଟ୍ରନ ବିନ୍ୟାସ ପ୍ରାପ୍ତ କରିବା ପାଇଁ ଗୋଟିଏ ଇଲେକଟ୍ରନ ହରାଏ

✗ 4. ଏକ ସୋଡିୟମ ପରମାଣୁ ଏକ ବନ୍ଧନ ଗଠନ ପାଇଁ କ୍ଲୋରିନ ସହିତ ସମାନ ଭାବରେ ଇଲେକଟ୍ରନ ଭାଗ କରେ

Q.10 ଜଣେ ନିର୍ମାତା ତାଙ୍କର ବିକ୍ରୟ ମୂଲ୍ୟକୁ ଉତ୍ପାଦନ ଖର୍ଚ୍ଚଠାରୁ 28% ଅଧିକ ସ୍ଥିର କରନ୍ତି । ଯଦି ଉତ୍ପାଦନ ଖର୍ଚ୍ଚ 25% ବୃଦ୍ଧି ପାଏ ଏବଂ ନିର୍ମାତା ତାଙ୍କର ବିକ୍ରୟ ମୂଲ୍ୟକୁ ମଧ 25% ବଢ଼ାଇ ଦିଅନ୍ତି, ତେବେ ଲାଭ ପ୍ରତିଶତ ନିର୍ଣ୍ଣୟ କର ।

Ans

✗ 1. 25%

✗ 2. 27%

✗ 3. 31%

✓ 4. 28%

Q.11 ନିମ୍ନଲିଖିତ ଆନ୍ଦୋଳନଗୁଡ଼ିକ ମଧ୍ୟରୁ କେଉଁଟି "କର ବା ମର" ସ୍ଲୋଗାନ ସହିତ ଜଡ଼ିତ ଅଟେ?

Ans

✗ 1. ଆଇନ ଅମାନ୍ୟ ଆନ୍ଦୋଳନ

✗ 2. ଅସହଯୋଗ ଆନ୍ଦୋଳନ

✓ 3. ଭାରତ ଛାଡ ଆନ୍ଦୋଳନ

✗ 4. ଖିଲାଫତ ଆନ୍ଦୋଳନ

Q.12 ବୋରଙ୍କ ପରମାଣୁ ମଡେଲ ଅନୁସାରେ କ୍ୟାଲସିୟମ ପରମାଣୁର ଇଲେକ୍ଟ୍ରୋନିକ ବିନ୍ୟାସ (ପରମାଣୁ କ୍ରମାଙ୍କ 20) _____ ଅଟେ ।

Ans

✗ 1. 2 , 8 , 2 , 8

✗ 2. 2 , 2 , 8 , 8

✗ 3. 2 , 8 , 10

✓ 4. 2 , 8 , 8 , 2

Black book

Q.13 ନିମ୍ନରେ ଗୋଟିଏ ପ୍ରଶ୍ନ ଏବଂ (I) ଏବଂ (II) ନାମକ ଦୁଇଟି ବିବୃତି ଦିଆଯାଇଛି । ଆପଣଙ୍କୁ ନିଷ୍ପତ୍ତି ନେବାକୁ ହେବ ଯେ ବିବୃତି ଗୁଡିକରେ ଦିଆଯାଇଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ କି ନାହିଁ । ଉଭୟ ବିବୃତିକୁ ଧ୍ୟାନପୂର୍ବକ ଅଧ୍ୟୟନ କରନ୍ତୁ ଏବଂ ଉପଯୁକ୍ତ ଉତ୍ତର ନିର୍ଣ୍ଣୟ କରନ୍ତୁ ।

ପ୍ରଶ୍ନ: ପାଞ୍ଚଜଣ ବନ୍ଧୁ - ଆଧା, ଭବିନ, ଚାରିଟ, ଦେବିକା ଓ ଇଶାନ ଙ୍କ ବୟସ ଭିନ୍ନ ଭିନ୍ନ ଅଟେ । ସବୁଠାରୁ ସାନ କିଏ?

ବିବୃତି:
(I) ଦେବିକା ଚାରିଟଙ୍କ ଠାରୁ ସାନ କିନ୍ତୁ ଭବିନଙ୍କ ଠାରୁ ବଡ଼ ଅଟେ ।
(II) ଆଧା ଦେବିକାଙ୍କ ଠାରୁ ବଡ ଅଟେ ଏବଂ ଇଶାନ୍ ଚାରିଟଙ୍କ ଠାରୁ ବଡ ଅଟେ ।

Ans
✗ 1. ବିବୃତି । ଏବଂ ।। ରେ ଥିବା ତଥ୍ୟ ଏକତ୍ର ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ନୁହେଁ ।
✗ 2. କେବଳ ବିବୃତି । ରେ ଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ଅଟେ, ଯେତେବେଳେ କେବଳ ବିବୃତି ।। ରେ ଥିବା ତଥ୍ୟ ଯଥେଷ୍ଟ ନୁହେଁ ।
✗ 3. କେବଳ ବିବୃତି ।। ରେ ଥିବା ତଥ୍ୟ ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ଅଟେ, ଯେତେବେଳେ କେବଳ ବିବୃତି । ରେ ଥିବା ତଥ୍ୟ ଯଥେଷ୍ଟ ନୁହେଁ ।
✓ 4. ବିବୃତି । ଏବଂ ।। ର ତଥ୍ୟ ଏକତ୍ର (ଏବଂ କେବଳ ବିବୃତି । କିମ୍ବା କେବଳ ବିବୃତି ।। ନୁହେଁ) ପ୍ରଶ୍ନର ଉତ୍ତର ଦେବା ପାଇଁ ଯଥେଷ୍ଟ ଅଟେ ।

Q.14 ଏହି ପ୍ରଶ୍ନରେ, ନିମ୍ନରେ ଦିଆଯାଇଥିବା କୋଡ ଏବଂ ତାପରେ ଦିଆଯାଇଥିବା ସର୍ତ୍ତାବଳୀ ଅନୁଯାୟୀ ଅକ୍ଷର କୋଡ ବ୍ୟବହାର କରି ସଂଖ୍ୟା/ପ୍ରତୀକର ଏକ ଗୋଷ୍ଠୀକୁ କୋଡ କରାଯାଇଛି । ସର୍ତ୍ତାବଳୀ ଅନୁସରଣ କରୁଥିବା କୋଡଗୁଡ଼ିକର ସଠିକ ସଂଯୋଜନ ଆପଣଙ୍କର ଉତ୍ତର ଅଟେ । ଯଦି କୌଣସି ସର୍ତ୍ତାବଳୀ ପ୍ରୟୋଗ ହୋଇ ନାହିଁ, ତେବେ ସାରଣୀରେ ଦିଆଯାଇଥିବା ପରି ସଂଖ୍ୟା/ପ୍ରତୀକର କୋଡକୁ ସିଧାସଳଖ ଅନୁସରଣ କରିବାକୁ ପଡିବ ।
ସଂଖ୍ୟା/ପ୍ରତୀକ 7 4 5 # @ & ? $ + %
କୋଡ J P L C M Z T G F D

ସର୍ତ୍ତାବଳୀ:
(i) ଯଦି ପ୍ରଥମ ଉପାଦାନ ଏକ ଅଯୁଗ୍ମ ସଂଖ୍ୟା ହୁଏ, ତେବେ ପ୍ରଥମ ଉପାଦାନ ଏବଂ ଶେଷ ଉପାଦାନର କୋଡକୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯିବ ।
(ii) ଯଦି ଦ୍ୱିତୀୟ ଏବଂ ତୃତୀୟ ଉପାଦାନ ପ୍ରତୀକ ହୁଏ,ତେବେ ତୃତୀୟ ଉପାଦାନକୁ ଦ୍ୱିତୀୟ ଉପାଦାନର କୋଡ ଭାବରେ କୋଡ କରାଯିବ ।
(iii) ଯଦି ଚତୁର୍ଥ ଉପାଦାନ ଏକ ଯୁଗ୍ମ ସଂଖ୍ୟା ହୁଏ, ତେବେ ଉଭୟ ଚତୁର୍ଥ ଏବଂ ପଞ୍ଚମ ଉପାଦାନକୁ © ଭାବରେ କୋଡ କରାଯିବ ।

ନିମ୍ନଲିଖିତ ସଂଖ୍ୟା-ପ୍ରତୀକ ଗୋଷ୍ଠୀ ପାଇଁ କୋଡ କ'ଣ ହେବ?
745#@

Ans
✗ 1. JPTCM
✓ 2. MPLCJ
✗ 3. ZPLCM
✗ 4. JPLCM

Q.15 ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ପ୍ରଶ୍ନ ଚିହ୍ନ (?) ସ୍ଥାନରେ ନିମ୍ନଲିଖିତ ମଧ୍ୟରୁ କେଉଁ ବିକଳ୍ପକୁ ପ୍ରତିସ୍ଥାପିତ କରାଯାଇପାରିବ?

15 22 40 79 129 200 282 ?

Ans
✓ 1. 385
✗ 2. 380
✗ 3. 387
✗ 4. 389

Q.16 ଏକ ନିର୍ଦ୍ଦିଷ୍ଟ କୋଡରେ,
'happy child plays' କୁ **' 'sy wc qz'** ଭାବରେ କୋଡ କରାଯାଇଛି,
'happy smiles mother' କୁ **'ta gk sy'** ଭାବରେ କୋଡ କରାଯାଇଛି ଏବଂ
'beautifully child smiles' କୁ **'wc bt gk'** ଭାବରେ କୋଡ କରାଯାଇଛି

(ସମସ୍ତ କୋଡ କେବଳ ଦୁଇ ଅକ୍ଷର ବିଶିଷ୍ଟ କୋଡ ଅଟେ ।)

କୋଡ **'bt'** କାହା ପାଇଁ ପ୍ରଯୁଜ୍ୟ ଅଟେ?

Ans
✓ 1. beautifully
✗ 2. plays
✗ 3. child
✗ 4. happy

Q.17 ଜଣେ ରିଟେଲର ₹2,00,000 ଚିହ୍ନଟ ମୂଲ୍ୟ ଥିବା ସାମଗ୍ରୀ କ୍ରୟ କରନ୍ତି । ବିକ୍ରେତା 20% ର ଟ୍ରେଡ ରିହାତି ପ୍ରଦାନ କରନ୍ତି ଏବଂ 10 ଦିନ ମଧ୍ୟରେ ଟଙ୍କା ପଇଠ କଲେ 5% ନଗଦ ରିହାତି ପ୍ରଦାନ କରନ୍ତି । ଯଦି ରିଟେଲର ସେହି ରିହାତି ଅବଧି ମଧ୍ୟରେ ଟଙ୍କା ପଇଠ କରନ୍ତି, ତେବେ ଦିଆଯାଇଥିବା ଅନ୍ତିମ ଟଙ୍କାର ପରିମାଣ କେତେ?

Ans

✗ 1. ₹1,51,000

✗ 2. ₹1,60,000

✓ 3. ₹1,52,000

✗ 4. ₹1,50,000

Q.18 ଲସିକା (lymph) ସମ୍ବନ୍ଧରେ ନିମ୍ନଲିଖିତ ମଧ୍ୟରୁ କେଉଁ ବିବୃତିଟି ସଠିକ ଅଟେ?

Ans

✓ 1. ଲସିକାରେ ପ୍ଲାଜମା ତୁଳନାରେ କମ ପ୍ରୋଟିନ ଥାଏ ଏବଂ ଏହା ରଙ୍ଗହୀନ ହୋଇଥାଏ

✗ 2. ଲସିକାରେ ରକ୍ତ ପ୍ଲାଜମା ତୁଳନାରେ ଅଧିକ ପ୍ରୋଟିନ ଥାଏ

✗ 3. ଲସିକାରେ ପ୍ଲାଜମା ତୁଳନାରେ ଅଧିକ ଲୋହିତ ରକ୍ତ କଣିକା ଥାଏ

✗ 4. ଲସିକା ମୁଖ୍ୟତଃ ଅଣୁଚକ୍ରିକା ଦ୍ୱାରା ଗଠିତ ହୋଇଥାଏ

Q.19 ଗୋଟିଏ ବର୍ଗକ୍ଷେତ୍ରର କର୍ଣ୍ଣର ଦୈର୍ଘ୍ୟ $6\sqrt{2}$ ଅଟେ । ଏହି ବର୍ଗକ୍ଷେତ୍ରର ପରିସୀମା (cmରେ) ନିରୂପଣ କର ।

Ans

✗ 1. 32

✗ 2. 48

✗ 3. 20

✓ 4. 24

Q.20 252 ଏକ ନିର୍ଦ୍ଦିଷ୍ଟ ତର୍କ ଅନୁସାରେ 28 ସହିତ ସମ୍ପର୍କିତ । 306 ସମାନ ତର୍କ ଅନୁସାରେ 34 ସହିତ ସମ୍ପର୍କିତ । ସମାନ ତର୍କକୁ ଅନୁସରଣ କରି ନିମ୍ନଲିଖିତ ମଧ୍ୟରୁ କେଉଁଟି ସହିତ 270 ସମ୍ପର୍କିତ?

(ଦ୍ରଷ୍ଟବ୍ୟ: ସଂଖ୍ୟାଗୁଡ଼ିକୁ ସେଗୁଡିକର ଗଠନକାରୀ ଅଙ୍କ ଗୁଡ଼ିକରେ ନ ଭାଙ୍ଗି ପୂର୍ଣ୍ଣ ସଂଖ୍ୟାଗୁଡ଼ିକ ଉପରେ ଗାଣିତିକ ପ୍ରକ୍ରିୟା ଗୁଡ଼ିକ ହେବ । ଉଦାହରଣ ସ୍ୱରୂପ 13 - ମିଶାଣ/ଫେଡ଼ାଣ/ଗୁଣନ ଇତ୍ୟାଦି ଭଳି ଗାଣିତିକ ପ୍ରକ୍ରିୟାଗୁଡ଼ିକ 13 ଉପରେ ହେବ । 13 କୁ 1 ଓ 3 ରେ ଭାଙ୍ଗି 1 ଓ 3 ଉପରେ ଗାଣିତିକ ପ୍ରକ୍ରିୟା କରିବା ପାଇଁ ଅନୁମତି ନାହିଁ ।)

Ans

✗ 1. 35

✗ 2. 32

✗ 3. 37

✓ 4. 30

Q.21 ପାଞ୍ଚଟି ସଂଖ୍ୟା 8, 12, 16, 20, 24 ର ମାନକ ବିଚ୍ୟୁତି କେତେ? (ଦଶମିକ ଦୁଇ ସ୍ଥାନ ପର୍ଯ୍ୟନ୍ତ ନିଅନ୍ତୁ)

Ans

✓ 1. 5.66

✗ 2. 7.15

✗ 3. 6.25

✗ 4. 4.52

Q.22 2026 ମସିହାର ତାମିଲନାଡୁ ବିଧାନସଭା ନିର୍ବାଚନ ଫଳାଫଳରେ, କେଉଁ ଦଳ ସବୁଠାରୁ ବଡ଼ ଏକକ ଦଳ ଭାବରେ ଉଭା ହୋଇଥିଲା?

Ans

✗ 1. ଭାରତୀୟ ଜାତୀୟ କଂଗ୍ରେସ

✗ 2. ଦ୍ରାବିଡ଼ ମୁନେତ୍ର କଡ଼ଗମ (Dravida Munnetra Kazhagam)

✓ 3. ତାମିଲାଗା ଭେତ୍ରି କାଝାଗମ (Tamilaga Vettri Kazhagam)

✗ 4. ଅଖିଳ ଭାରତୀୟ ଆନ୍ନା ଦ୍ରାବିଡ଼ ମୁନେତ୍ର କଡ଼ଗମ

Q.23 ମନେକର O କେନ୍ଦ୍ରବିଶିଷ୍ଟ ଏକ ବୃତ୍ତ C ର ବ୍ୟାସାର୍ଦ୍ଧ 8 cm ଅଟେ । ବୃତ୍ତ C ର କ୍ଷେତ୍ରଫଳ ଏବଂ ଏହାର କେନ୍ଦ୍ର O ଠାରେ 120° କୋଣ ସୃଷ୍ଟି କରୁଥିବା ବୃତ୍ତକଳାର କ୍ଷେତ୍ରଫଳ ମଧ୍ୟରେ ପାର୍ଥକ୍ୟ କେତେ?

Ans

✗ 1. $\frac{124\pi}{3}\ \text{cm}^2$

✗ 2. $\frac{125\pi}{3}\ \text{cm}^2$

✗ 3. $\frac{120\pi}{3}\ \text{cm}^2$

✓ 4. $\frac{128\pi}{3}\ \text{cm}^2$

Black Book

Q.24 ଜଣେ ଇଞ୍ଜିନିୟର ଏକ ସ୍ୱତନ୍ତ୍ର ଭାବେ ନିର୍ମିତ ଗାଡ଼ି ଉପରେ 12 ଟି ସମାନ ପ୍ୟାକେଜ ଲୋଡ କରି ଏବଂ ଏକ ୱେରହାଉସର ମସୃଣ ଚଟାଣରେ ଏହାକୁ ଛାଡ଼ି ପରୀକ୍ଷା କରୁଛନ୍ତି । ଯଦି ମୋଟ 36 ନ୍ୟୁଟନ ବଳ ପ୍ରୟୋଗ କରି ପ୍ୟାକେଜ ସହିତ ଗାଡ଼ିକୁ ଠେଲା ଯାଏ ଗାଡିଟି ସେକେଣ୍ଡ ପ୍ରତି 0.5 ବର୍ଗ ମିଟରରେ ତ୍ୱରାନ୍ୱିତ ହୁଏ, ତେବେ ବସ୍ତୁତ୍ୱ ଅପରିବର୍ତ୍ତିତ ରଖି ପ୍ରୟୋଗ ହୋଇଥିବା ବଳକୁ ଦ୍ୱିଗୁଣିତ କଲେ ନୂତନ ତ୍ୱରଣ କେତେ ହେବ?

Ans

✔ 1. ପ୍ରାରମ୍ଭିକ ମୂଲ୍ୟ ତୁଳନାରେ ତ୍ୱରଣ ଦ୍ୱିଗୁଣିତ ହୋଇଯିବ ।

✘ 2. ତ୍ୱରଣ ପ୍ରାରମ୍ଭିକ ମୂଲ୍ୟ ସହିତ ସମାନ ରହିବ ।

✘ 3. ପ୍ରାରମ୍ଭିକ ମୂଲ୍ୟ ତୁଳନାରେ ତ୍ୱରଣ ଅଧା ହୋଇଯିବ ।

✘ 4. ତ୍ୱରଣ ଏକ ନିର୍ଦ୍ଦିଷ୍ଟ ପରିମାଣରେ ହ୍ରାସ ପାଇବ ।

Q.25 ଯଦି ସଂଖ୍ୟା 2531647 ର ପ୍ରତ୍ୟେକ ଯୁଗ୍ମ ଅଙ୍କରେ 3 ଯୋଗ କରାଯାଏ ଏବଂ ପ୍ରତ୍ୟେକ ଅଯୁଗ୍ମ ଅଙ୍କରେ 2 ଯୋଗ କରାଯାଏ, ତେବେ ଏହିପରି ଗଠିତ ସଂଖ୍ୟାର ପ୍ରଥମ ଅଙ୍କ ଓ ଶେଷ ଅଙ୍କର ସମଷ୍ଟି କେତେ ହେବ?

Ans

✘ 1. 12

✘ 2. 18

✔ 3. 14

✘ 4. 16

Q.26 ଗୋଟିଏ ଡଙ୍ଗା ସ୍ରୋତର ପ୍ରତିକୂଳରେ 100 km ଯାତ୍ରା କରିବା ପାଇଁ 8 ଘଣ୍ଟା ସମୟ ନେଇଥାଏ ଏବଂ ସ୍ରୋତର ଅନୁକୂଳରେ 80 km ଯାତ୍ରା କରିବା ପାଇଁ 5 ଘଣ୍ଟା ସମୟ ନେଇଥାଏ । ଯଦି ଡଙ୍ଗା ସ୍ରୋତର ପ୍ରତିକୂଳରେ 60 km ଏବଂ ତା'ପରେ ସ୍ରୋତର ଅନୁକୂଳରେ 60 km ଯାତ୍ରା କରେ, ତେବେ ଏଥି ପାଇଁ ମୋଟ କେତେ ସମୟ (ଘଣ୍ଟାରେ) ଲାଗିବ? ଏହା ସହିତ ସ୍ରୋତର ବେଗ (km/h ରେ) ନିର୍ଣ୍ଣୟ କର । (ବିକଳ୍ପଗୁଡ଼ିକ ଯଥାକ୍ରମେ ଲିଖିତ ଅଛି)

Ans

✔ 1. 8.55, 1.75

✘ 2. 8, 1.5

✘ 3. 8.45, 1.75

✘ 4. 8.45, 1.5

Q.27 ଶୁକ୍ରାଶୟ ଶରୀରର ସାଧାରଣ ତାପମାତ୍ରା ତୁଳନାରେ ଅଣ୍ଡକୋଷର ତାପମାତ୍ରାକୁ _____ ରଖିବାରେ ସାହାଯ୍ୟ କରିଥାଏ, ଯାହା ଶୁକ୍ରାଣୁ ଗଠନ ପାଇଁ ଅତ୍ୟନ୍ତ ଆବଶ୍ୟକ ।

Ans

✘ 1. ଅଧିକ

✘ 2. ପରିବର୍ତ୍ତନଶୀଳ

✘ 3. ସମାନ

✔ 4. କମ

Q.28 ଭାରତର ଉତ୍ତର ସମତଳ ଭୂମିର ଭୂ-ଆକୃତିବିଜ୍ଞାନ (Geomorphology) ଅନ୍ତର୍ଗତ ଭାଙ୍ଗର ଅଞ୍ଚଳର ଅପେକ୍ଷାକୃତ ଶୁଷ୍କ ଭାଗରେ ସାଧାରଣତଃ ଦେଖାଯାଉଥିବା ଲବଣାକ୍ତ ଏବଂ କ୍ଷାରୀୟ ଏଫ୍ଲୋରେସେନ୍ସ ପ୍ୟାଚ (Saline and alkaline efflorescence patches) ଗୁଡ଼ିକ ସ୍ଥାନୀୟ ଭାବେ କେଉଁ ନାମରେ ପରିଚିତ?

Ans

✔ 1. ରେହ କିମ୍ବା କଲାର

✘ 2. ତରାଇ ଆଦ୍ରଭୂମି

✘ 3. ଭାବର ବେଲ୍ଟ

✘ 4. ଖାଦର ଜମା

Q.29 ଇଲେକ୍ଟ୍ରୋଲାଇଟିକ ପରିଷ୍କରଣ (Electrolytic refining) ନିମ୍ନଲିଖିତ ମଧ୍ୟରୁ କାହାର ବିଶୁଦ୍ଧିକରଣ (purification) ପାଇଁ ବ୍ୟବହୃତ ହୋଇଥାଏ?

Ans

✘ 1. ମିଶ୍ର ଧାତୁ

✔ 2. ଧାତୁ

✘ 3. ଚିନି

✘ 4. ଅଧାତୁ

Q.30 ପ୍ରଶମନୀକରଣ ପ୍ରତିକ୍ରିୟାର ଉତ୍ପାଦଗୁଡ଼ିକ ସମ୍ବନ୍ଧରେ କେଉଁ ବିବୃତିଟି ସଠିକ୍ ଅଟେ?

Ans

✘ 1. ସେଗୁଡିକ ସର୍ବଦା ହାଇଡ୍ରୋଜେନ ଗ୍ୟାସ୍ ଏବଂ ଜଳ ଅଟନ୍ତି

✘ 2. ସେଗୁଡିକ ସର୍ବଦା ଅମ୍ଳଜାନ ଏବଂ ଜଳ ଅଟନ୍ତି

✘ 3. ସେମାନେ ସର୍ବଦା କାର୍ବନ ଡାଇଅକ୍ସାଇଡ ଏବଂ ଜଳ ଅଟନ୍ତି

✔ 4. ସେଗୁଡିକ ସର୍ବଦା ଲବଣ ଏବଂ ଜଳ ଅଟନ୍ତି

blackbook

Q.31 ପାକସ୍ଥଳୀରେ ଥିବା କେଉଁ ଏନଜାଇମ ପ୍ରୋଟିନ ହଜମ କରିବାରେ ସାହାଯ୍ୟ କରିଥାଏ?

Ans

✗ 1. ଆମାଇଲେଜ

✓ 2. ପେପସିନ

✗ 3. ଟ୍ରିପସିନ

✗ 4. ଲାଇପେଜ

Q.32 କାଳିଦାସ, ଭାସ ଏବଂ ଭବଭୂତି (Bhasa, and Bhavabhuti) ଙ୍କ କୃତିଗୁଡ଼ିକ କେଉଁ ଶାସ୍ତ୍ରୀୟ ଭାଷା ସହିତ ଜଡ଼ିତ?

Ans

✓ 1. ସଂସ୍କୃତ

✗ 2. ତାମିଲ

✗ 3. ପ୍ରାକୃତ

✗ 4. ହିନ୍ଦୀ

Q.33 ଏସୀୟ ରିଲେ ଚାମ୍ପିୟନସିପ 2026 ରେ, ଭାରତୀୟ ମହିଳା ଦଳ 43.85 ସେକେଣ୍ଡର ସିଜନ୍-ବେଷ୍ଟ ଟାଇମିଙ୍ଗ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଏହି ପ୍ରଦର୍ଶନ କେଉଁ ରିଲେ ଇଭେଣ୍ଟରେ ହୋଇଥିଲା?

Ans

✗ 1. ମିକ୍ସଡ 4 × 400 m ରିଲେ

✗ 2. ମହିଳା 4 × 200 m ରିଲେ

✓ 3. ମହିଳା 4 × 100 m ରିଲେ

✗ 4. ମହିଳା 4 × 400 m ରିଲେ

Q.34 3 ବର୍ଷ ଶେଷରେ ₹15116.544 ଦେବାକୁ ହେବ । ଯଦି ବାର୍ଷିକ ଚକ୍ରବୃଦ୍ଧି ସୁଧ ହାର 8% ହୁଏ ଏବଂ ସୁଧ ବାର୍ଷିକ ଭାବେ ଚକ୍ରବୃଦ୍ଧି ହୁଏ, ତେବେ ଏହାର ବର୍ତ୍ତମାନ ମୂଲ୍ୟ କେତେ?

Ans

✗ 1. ₹11,000

✓ 2. ₹12,000

✗ 3. ₹13,000

✗ 4. ₹12,500

Q.35 ଏକ ନିର୍ଦ୍ଦିଷ୍ଟ ପରିମାଣର ମୂଳଧନକୁ ସରଳ ସୁଧ ହାରରେ ନିବେଶ କରାଗଲେ, ତାହାର ସମୂଳସୁଧ 2 ବର୍ଷରେ ₹1,750 ହୁଏ ଏବଂ 3 ବର୍ଷରେ ₹2,000 ହୁଏ । ବାର୍ଷିକ ସୁଧ ହାର % ରେ ନିର୍ଣ୍ଣୟ କର ।

Ans

✓ 1. 20

✗ 2. 10

✗ 3. 50

✗ 4. 25

Q.36 ଗୋଟିଏ ଧାଡିରେ 48 ଜଣ ବିଦ୍ୟାର୍ଥୀ ଉତ୍ତର ଦିଗକୁ ମୁହଁ କରିଛନ୍ତି, ମଧୁ ବାମ ପ୍ରାନ୍ତରୁ 22 ତମ ସ୍ଥାନରେ ଅଛନ୍ତି । ଯଦି ସୁରେଶ ମଧୁଙ୍କ ଡାହାଣ ପାର୍ଶ୍ୱ 25 ତମ ସ୍ଥାନରେ ଅଛନ୍ତି, ତେବେ ଧାଡିର ଡାହାଣ ପ୍ରାନ୍ତରୁ ସୁରେଶଙ୍କ ସ୍ଥାନ କେତେ?

Ans

✓ 1. 2ୟ

✗ 2. 3ୟ

✗ 3. 4ର୍ଥ

✗ 4. 1ମ

Q.37 ଖାଦ୍ୟ ଶୃଙ୍ଖଳାରେ ଜୈବ-ଅବନମିତ ଅକ୍ଷମ କୀଟନାଶକଗୁଡ଼ିକର ଜୈବିକ ପରିବର୍ଦ୍ଧନ କାହିଁକି ହୋଇଥାଏ?

Ans

✗ 1. ଏଗୁଡ଼ିକ ବାୟୁମଣ୍ଡଳକୁ ଶୀଘ୍ର ବାଷ୍ପୀଭୂତ ହୋଇଯାଏ ।

✓ 2. ଏଗୁଡ଼ିକ ଜୀବମାନଙ୍କ ଠାରେ ଜମା ହୁଏ ଏବଂ ସହଜରେ ବିଘଟିତ ହୁଏ ନାହିଁ ।

✗ 3. ଏଗୁଡ଼ିକ ଜଳରେ ସମ୍ପୂର୍ଣ୍ଣ ରୂପେ ଦ୍ରବୀଭୂତ ହୋଇଯାଏ ।

✗ 4. ଏଗୁଡ଼ିକ ପରିପାକ ପ୍ରକ୍ରିୟା ସମୟରେ ନଷ୍ଟ ହୋଇଯାଏ ।

Q.38 ନିମ୍ନଲିଖିତ ମଧ୍ୟରୁ କେଉଁ ବିବୃତିଟି ଉଦ୍ଭିଦ କାଣ୍ଡରେ ପାର୍ଶ୍ୱସ୍ଥ ମେରିଷ୍ଟେମ (lateral meristem) ର ସଜ୍ଜୀକରଣ ଏବଂ କାର୍ଯ୍ୟକୁ ସଠିକ ଭାବରେ ବର୍ଣ୍ଣନା କରେ?

Ans

✗ 1. କାଣ୍ଡରେ ବିକ୍ଷିପ୍ତ ଭାବରେ ଥାଏ ଏବଂ ପୋଷକ ତତ୍ତ୍ୱ ସଞ୍ଚୟ କରିଥାଏ

✗ 2. ଗଣ୍ଠି (nodes) ରେ ମିଳିଥାଏ ଏବଂ ଶାଖା ଗଠନ କରିଥାଏ

✓ 3. ବଳୟ (rings) ରେ ସଜ୍ଜିତ ଏବଂ ବ୍ୟାସ ବୃଦ୍ଧି କରିଥାଏ

✗ 4. ଅଗ୍ରଭାଗରେ ଅବସ୍ଥିତ ଏବଂ ଦୈର୍ଘ୍ୟ ବୃଦ୍ଧି କରିଥାଏ

blackbook

Q.39 ଏକ ବର୍ଗାକାର ପ୍ଲଟର କ୍ଷେତ୍ରଫଳ **5041 m^2** ଅଟେ । ପ୍ଲଟର ପ୍ରତ୍ୟେକ ପାର୍ଶ୍ୱର ଦୈର୍ଘ୍ୟ (m ରେ) କେତେ?

Ans

✗ 1. 79

✗ 2. 61

✓ 3. 71

✗ 4. 89

Q.40 ଏବଂ ଏକ ନିର୍ଦ୍ଦିଷ୍ଟ କୋଡ୍ ଭାଷାରେ,
A # B ର ଅର୍ଥ 'A B ର ଝିଅ' ଅଟେ
A $ B ର ଅର୍ଥ 'A B ର ମାଆ' ଅଟେ
A& B ର ଅର୍ଥ 'A B ର ପତ୍ନୀ' ଅଟେ
A %B ର ଅର୍ଥ 'A B ର ବାପା' ଅଟେ
ଯଦି **'F#T$O%Q&Z'** ହୁଏ, ତେବେ **F** ସମ୍ପର୍କରେ **Z** ଙ୍କର କ'ଣ ହେବେ?

Ans

✗ 1. ପତ୍ନୀ

✗ 2. ମାଆ

✓ 3. ପତ୍ନୀଙ୍କ ବାପାଙ୍କ ଭଉଣୀ

✗ 4. ପତ୍ନୀଙ୍କ ବାପାଙ୍କ ମାଆ

Q.41 ନିମ୍ନଲିଖିତ ସଂଖ୍ୟା, ପ୍ରତୀକ ଅନୁକ୍ରମ ଆଧାରରେ ପ୍ରଶ୍ନର ଉତ୍ତର ଦିଅ । କେବଳ ବାମରୁ ଡାହାଣକୁ ଗଣନା କରାଯିବ । ସମସ୍ତ ସଂଖ୍ୟା ଏକ-ଅଙ୍କ ବିଶିଷ୍ଟ ସଂଖ୍ୟା ଅଟେ ।
(ବାମ) **5 @ 3 $ 8 & 6 Ω 2 % 9 * 4 £ 7 # 1 & 3** (ଡାହାଣ)
ଏପରି କେତୋଟି ପ୍ରତୀକ ଅଛି, ଯାହାର ପ୍ରତ୍ୟେକର ଠିକ ପୂର୍ବରୁ ଏକ ସଂଖ୍ୟା ଏବଂ ଠିକ ପରେ ମଧ୍ୟ ଏକ ସଂଖ୍ୟା ଅଛି?

Ans

✓ 1. ତିନିରୁ ଅଧିକ

✗ 2. ଏକ

✗ 3. ଦୁଇ

✗ 4. ତିନି

Q.42 ମେରୁଦଣ୍ଡୀ ପ୍ରାଣୀଙ୍କଠାରେ କଶେରୁକ ସ୍ତମ୍ଭ **(vertebral column)** ର ଏକ ମୁଖ୍ୟ କାର୍ଯ୍ୟ ନିମ୍ନଲିଖିତ ମଧ୍ୟରୁ କେଉଁଟି ?

Ans

✗ 1. ସମଗ୍ର ଶରୀରରେ ଅମ୍ଳଜାନଯୁକ୍ତ ରକ୍ତ ପମ୍ପ କରିବା

✓ 2. ସ୍ନାୟୁତନ୍ତ୍ରର ସୁଷୁମ୍ନା କାଣ୍ଡକୁ ସୁରକ୍ଷା ପ୍ରଦାନ କରିବା

✗ 3. ଖାଦ୍ୟ ବିଘଟନ ପାଇଁ ପାଚକ ରସ କ୍ଷରଣ କରିବା

✗ 4. ରକ୍ତରୁ ବିଷାକ୍ତ ନାଇଟ୍ରୋଜେନଯୁକ୍ତ ବର୍ଜ୍ୟବସ୍ତୁଗୁଡ଼ିକୁ ଫିଲ୍ଟର କରିବା

Q.43 ଜାଇଲେମ ଟିସୁରେ ଟ୍ରାକିଡ ଏବଂ ବାହିକା **(tracheids and vessels)** ର ମୁଖ୍ୟ ଭୂମିକା କ'ଣ ଅଟେ?

Ans

✗ 1. ଏଗୁଡ଼ିକ ଖାଦ୍ୟର ଆନୁଭୂମିକ ଗତିଶୀଳତାରେ ସାହାଯ୍ୟ କରନ୍ତି

✗ 2. ଏଗୁଡ଼ିକ ଭବିଷ୍ୟତର ବ୍ୟବହାର ପାଇଁ ଶ୍ୱେତସାର ସଞ୍ଚୟ କରନ୍ତି

✗ 3. ଏଗୁଡ଼ିକ କାଣ୍ଡକୁ କେବଳ ଯାନ୍ତ୍ରିକ ଦୃଢ଼ତା ପ୍ରଦାନ କରନ୍ତି

✓ 4. ଏଗୁଡ଼ିକ ଜଳ ଏବଂ ଖଣିଜ ପଦାର୍ଥକୁ ଊର୍ଦ୍ଧ୍ୱ ପରିବହନ କରନ୍ତି

Q.44 ଯଦି $15\sin A + \cos A = \sqrt{8}\sin A$ ହୁଏ, ତେବେ **tanA** ର ମୂଲ୍ୟ କେତେ?

Ans

✗ 1. $\frac{-16-\sqrt{8}}{217}$

✓ 2. $\frac{-15-\sqrt{8}}{217}$

✗ 3. $\frac{-15-\sqrt{8}}{227}$

✗ 4. $\frac{-15-\sqrt{8}}{212}$

Q.45 ଯଦି '+' ଏବଂ '–' କୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯାଏ, ଏବଂ '×' ଏବଂ '÷' କୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯାଏ, ତେବେ ନିମ୍ନଲିଖିତ ସମୀକରଣରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କ'ଣ ଆସିବ?
315 - 280 x 5 ÷ 3 +19 =?

Ans
- ✗ 1. 482
- ✗ 2. 460
- ✗ 3. 475
- ✓ 4. 464

Q.46 ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ର ଏକ ମୁଦ୍ରା ନୀତି ଟୁଲ 'ରେପୋ ରେଟ୍' କୁ ନିମ୍ନଲିଖିତ ମଧ୍ୟରୁ କେଉଁଟି ସର୍ବୋତ୍ତମ ଭାବରେ ବର୍ଣ୍ଣନା କରେ?

Ans
- ✗ 1. ରିଜର୍ଭ ଭାବରେ ରଖିବାକୁ ଥିବା ଜମାର ପ୍ରତିଶତ
- ✓ 2. RBI ଯେଉଁ ହାରରେ ବାଣିଜ୍ୟିକ ବ୍ୟାଙ୍କଗୁଡିକୁ ସ୍ୱଳ୍ପ ଅବଧି ପାଇଁ ଋଣ ଦେଇଥାଏ
- ✗ 3. ଦୀର୍ଘକାଳୀନ ସରକାରୀ ଋଣ ଦର
- ✗ 4. ବ୍ୟାଙ୍କଗୁଡିକ ଯେଉଁ ହାରରେ RBIକୁ ଋଣ ଦିଅନ୍ତି

Q.47 ପାଣି ଭିତରେ ଥିବା ଏକ ବସ୍ତୁକୁ ବାହାରକୁ ଆଣିବା ଲକ୍ଷ୍ୟରେ ଜଣେ ଲାଇଫଗାର୍ଡ ତାଙ୍କର ଆଭାସୀ ସ୍ଥିତିର ଠିକ ସେହି ସ୍ଥାନରେ କାହିଁକି ପାଣିରେ ବୁଡ଼ ମାରିବା ଉଚିତ ନୁହେଁ?

Ans
- ✗ 1. ପ୍ରତିସରଣ କାରଣରୁ ବସ୍ତୁଟି ନିରନ୍ତର ଗତିଶୀଳ ହେଉଥିବାରୁ
- ✗ 2. ବସ୍ତୁଟି ପ୍ରକୃତ ଦୂରତା ଠାରୁ ଅଧିକ ଦୂରରେ ଥିବା ପରି ଦେଖାଯାଉଥିବାରୁ
- ✗ 3. ପାଣିରେ ବସ୍ତୁଟି ପ୍ରତିଫଳିତ ହେଉଥିବାରୁ
- ✓ 4. ପ୍ରତିସରଣ ହେତୁ ବସ୍ତୁଟି କମ ଗଭୀରରେ ଥିବା ପରି ଦେଖାଯାଉଥିବାରୁ

Q.48 ଯଦି ପ୍ରସବ ସମୟରେ ଜଣେ ମାତା କିମ୍ବା ଗର୍ଭସ୍ଥ ଶିଶୁ (foetus) କୌଣସି ବିପଦର ସମ୍ମୁଖୀନ ହୁଅନ୍ତି, ତେବେ ଡାକ୍ତର କେଉଁ ପଦକ୍ଷେପ ଗ୍ରହଣ କରିପାରନ୍ତି?

Ans
- ✗ 1. ବିପଦ ନିର୍ବିଶେଷରେ, ସମସ୍ତ ପ୍ରକାରର ଚିକିତ୍ସା ଏବଂ ଶଲ୍ୟ ପ୍ରକ୍ରିୟାକୁ ବର୍ଜନ କରିବା ।
- ✓ 2. ଏକ ସୁରକ୍ଷିତ ପ୍ରସବ ନିଶ୍ଚିତ କରିବା ପାଇଁ ଅସ୍ତ୍ରୋପଚାର କରିବା ।
- ✗ 3. ସମସ୍ତ ବିପଦ ଦୂର ହେବା ପର୍ଯ୍ୟନ୍ତ ପ୍ରସବକୁ ସ୍ଥଗିତ ରଖିବା ବିଳମ୍ବ କରିବା
- ✗ 4. କୌଣସି ପଦକ୍ଷେପ ନ ନେଇ ନିଷ୍କ୍ରିୟ (passively) ଭାବରେ ଅପେକ୍ଷା କରିବା

Q.49 ବୋରଙ୍କ ସ୍ୱୀକର୍ଯ୍ୟ (Bohr's postulate) ହାଇଡ୍ରୋଜେନ ପରମାଣୁର ସ୍ଥିରତା ବ୍ୟାଖ୍ୟା କରେ କିନ୍ତୁ ବହୁ ଇଲେକଟ୍ରନ ବିଶିଷ୍ଟ ପରମାଣୁ କ୍ଷେତ୍ରରେ ଏହା ମୁଖ୍ୟତଃ କେଉଁ କାରଣରୁ ବିଫଳ ହୋଇଥାଏ?

Ans
- ✓ 1. ବୋରଙ୍କ ପରମାଣୁ ମଡେଲରେ ଇଲେକଟ୍ରନ-ଇଲେକଟ୍ରନର ପାରସ୍ପରିକ କ୍ରିୟାକୁ ବିଚାରକୁ ନିଆଯାଇ ନାହିଁ
- ✗ 2. ବୃହତ୍ତର ପରମାଣୁମାନଙ୍କରେ ପ୍ରୋଟନଗୁଡ଼ିକ ଦ୍ରୁତ ଗତିରେ ଗତିଶୀଳ ହୋଇ କକ୍ଷପଥଗୁଡ଼ିକୁ ବିଚଳିତ କରିଥାନ୍ତି
- ✗ 3. ବହୁ ଇଲେକଟ୍ରନ ପରମାଣୁରେ ଇଲେକଟ୍ରନଗୁଡିକର କୌଣସି ବସ୍ତୁତ୍ୱ ନାହିଁ ବୋଲି ଧରାଯାଏ
- ✗ 4. ବୋରଙ୍କ ପରମାଣୁ ମଡେଲରେ ନ୍ୟୁକ୍ଲିୟସ ମଧ୍ୟରେ ଥିବା ନ୍ୟୁଟ୍ରନଗୁଡ଼ିକ ଇଲେକଟ୍ରନ କକ୍ଷପଥକୁ ପ୍ରଭାବିତ କରନ୍ତି

Q.50 ଏହି ପ୍ରଶ୍ନ ନିମ୍ନଲିଖିତ ଶବ୍ଦ ଉପରେ ଆଧାରିତ ଅଟେ ।
DIM PIN URN OWL
ଡାହାଣ ପାର୍ଶ୍ୱରୁ ଦ୍ୱିତୀୟ ଶବ୍ଦର ପ୍ରଥମ ଅକ୍ଷର ଏବଂ ବାମ ପାର୍ଶ୍ୱରୁ ପ୍ରଥମ ଶବ୍ଦର ଦ୍ୱିତୀୟ ଅକ୍ଷର ମଧ୍ୟରେ ଇଂରାଜୀ ବର୍ଣ୍ଣମାଳା କ୍ରମରେ କେତୋଟି ଅକ୍ଷର ଅଛି?

Ans
- ✓ 1. 11
- ✗ 2. 10
- ✗ 3. 14
- ✗ 4. 12

Q.51 ଏକ ଉତ୍ପାଦକୁ ଏହାର କ୍ରୟ ମୂଲ୍ୟ ଉପରେ 122% ଲାଭରେ ବିକ୍ରୟ କରାଯାଏ । ଯଦି କ୍ରୟ ମୂଲ୍ୟ ଏବଂ ବିକ୍ରୟ ମୂଲ୍ୟକୁ ପରସ୍ପର ମଧ୍ୟରେ ଅଦଳବଦଳ କରାଯାଏ, ତେବେ କାରବାରରେ କେତେ ପ୍ରତିଶତ କ୍ଷତି ହେବ? ଆପଣଙ୍କ ଉତ୍ତରକୁ ଦଶମିକ ଦୁଇ ସ୍ଥାନ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍କିତ କରନ୍ତୁ ।

Ans
- ✗ 1. 54.49%
- ✗ 2. 56.03%
- ✗ 3. 57.53%
- ✓ 4. 54.95%

Black Book

Q.52 ଏକ ଶବ୍ଦ ତରଙ୍ଗ ସମୁଦ୍ର ଜଳ ମଧ୍ୟରେ **1500 m/s** ବେଗରେ ଗତି କରେ । ଯଦି ଏହାର ତରଙ୍ଗ ଦୈର୍ଘ୍ୟ **2.5 m** ହୁଏ, ତେବେ ଏହାର ଆବୃତ୍ତି କେତେ ହେବ?

Ans

✗ 1. 750 Hz

✗ 2. 1200 Hz

✗ 3. 150 Hz

✓ 4. 600 Hz

Q.53 ଯଦି ପୃଥିବୀର ବାୟୁମଣ୍ଡଳ ଅନୁପସ୍ଥିତ ଥାନ୍ତା, ତେବେ ନିମ୍ନଲିଖିତ ମଧ୍ୟରୁ କେଉଁ ପରିଘଟଣାଟି ଦୃଶ୍ୟମାନ ହୁଅନ୍ତା ନାହିଁ?

Ans

✗ 1. ସୂର୍ଯ୍ୟପରାଗ

✗ 2. ସୂର୍ଯ୍ୟଙ୍କର ଦୈନନ୍ଦିନ ଗତି

✓ 3. ଶୀଘ୍ର ସୂର୍ଯ୍ୟୋଦୟ ଏବଂ ବିଳମ୍ବିତ ସୂର୍ଯ୍ୟାସ୍ତ

✗ 4. ଚନ୍ଦ୍ରକଳା

Q.54 ପ୍ରଦତ୍ତ ଅନୁକ୍ରମରେ ପ୍ରଶ୍ନଚିହ୍ନ (?) ସ୍ଥାନରେ କ'ଣ ହେବ?

243 226 210 195 181 168 ?

Ans

✓ 1. 156

✗ 2. 161

✗ 3. 152

✗ 4. 158

Q.55 **GH 9** ଏକ ନିର୍ଦ୍ଦିଷ୍ଟ ଉପାୟରେ **JG 28** ସହିତ ସମ୍ପର୍କିତ । **HH 13** ସେହି ସମାନ ଉପାୟରେ **KG 32** ସହିତ ସମ୍ପର୍କିତ । ସମାନ ତର୍କ ଅନୁସାରେ ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ କେଉଁଟି ସହିତ **OP 23** ସମ୍ପର୍କିତ?

Ans

✓ 1. RO 42

✗ 2. SO 38

✗ 3. SP 44

✗ 4. RP 42

Q.56 ଏକ ମାଧ୍ୟମ ଅପ୍ରତିସମ ଭାଗ ବିଭକ୍ତ ତଥ୍ୟ ବିତରଣ ପାଇଁ ମଧ୍ୟମା **35** ଅଟେ । ଗରିଷ୍ଠକ ଏବଂ ମାଧ୍ୟମାନ ମଧ୍ୟରେ ପାର୍ଥକ୍ୟ **12** ଅଟେ । ଯଦି ମାଧ୍ୟମାନ ଗରିଷ୍ଠକଠାରୁ ଅଧିକ ହୁଏ, ତେବେ ମାଧ୍ୟମାନର ମୂଲ୍ୟ ନିର୍ଣ୍ଣୟ କର। (ମାଧ୍ୟମାନ, ମଧ୍ୟମା ଏବଂ ଗରିଷ୍ଠକ ମଧ୍ୟରେ ଥିବା ଆନୁଭବିକ ସମ୍ପର୍କର ବ୍ୟବହାର କର)

Ans

✗ 1. 40

✓ 2. 39

✗ 3. 38

✗ 4. 41

Q.57 ଥର ମରୁଭୂମିର ବୃହତ ଅଞ୍ଚଳକୁ ଆଚ୍ଛାଦିତ କରି ରଖିଥିବା ଅର୍ଦ୍ଧଚନ୍ଦ୍ରାକୃତି ବାଲୁକାସ୍ତୂପ ଗୁଡ଼ିକୁ _____ କୁହାଯାଏ ।

Ans

✓ 1. ବାର୍ଚାନ (Barchan)

✗ 2. ଷ୍ଟାର ବାଲୁକାସ୍ତୂପ

✗ 3. ସିଫ ବାଲୁକାସ୍ତୂପ (Seif dunes)

✗ 4. ପାରାବୋଲିକ ବାଲୁକାସ୍ତୂପ

Q.58 ଗୋଟିଏ ସମବାହୁ ତ୍ରିଭୁଜର କ୍ଷେତ୍ରଫଳ $4\sqrt{3}$ **cm²** ଅଟେ । ଏହି ତ୍ରିଭୁଜର ପରିବୃତ୍ତ **(circumcircle)** ର ବ୍ୟାସ **(cm** ରେ) କେତେ ହେବ?

Ans

✗ 1. $\frac{2\sqrt{3}}{3}$

✓ 2. $\frac{8\sqrt{3}}{3}$

✗ 3. $\frac{4\sqrt{3}}{3}$

✗ 4. $\frac{\sqrt{3}}{3}$

Black book

Q.59 $\{(5 + 3)^2 - (4 \times 2)\} \div 4 \times 2 + 3$ ର ମୂଲ୍ୟ କେତେ ?

Ans

✗ 1. 30

✓ 2. 31

✗ 3. 33

✗ 4. 34

Q.60 କ୍ଲୋରିନ (Z = 17) ଏବଂ ନିଅନ (Z = 10) ର ବାହ୍ୟତମ କକ୍ଷଗୁଡିକରେ ଯଥାକ୍ରମେ କେତୋଟି ଲେଖାଏଁ ଇଲେକ୍ଟ୍ରନ ଅଛି?

Ans

✗ 1. 7, 7

✗ 2. 8, 7

✓ 3. 7, 8

✗ 4. 7, 2

Q.61 ଗୋଟିଏ ପକ୍ଷୀ ସ୍ଥିର ଅବସ୍ଥାରୁ ଯାତ୍ରା ଆରମ୍ଭ କରି ନିଜର ଡେଣା ହଲାଇ ଉଡ଼ିବାକୁ ଲାଗେ ଏବଂ ଏହାର ବେଗ 6 m/s ରେ ପହଞ୍ଚେ । ପକ୍ଷୀଟି କିପରି ଗତିଜ ଶକ୍ତି ପ୍ରାପ୍ତ କରେ, ତାହା ନିମ୍ନଲିଖିତ କେଉଁ ବିବୃତିଟି ସର୍ବୋତ୍ତମ ଭାବେ ବୁଝାଉଛି?

Ans

✗ 1. ବାୟୁ ପ୍ରତିରୋଧ ପକ୍ଷୀର ଗତିଜ ଶକ୍ତି ବୃଦ୍ଧି କରେ

✗ 2. ଗତିଜ ଶକ୍ତି କୌଣସି ଶକ୍ତି ରୂପାନ୍ତରଣ ବିନା ଉତ୍ପନ୍ନ ହୁଏ

✗ 3. ଉଡ଼ାଣ ସମୟରେ ଶାଖାଟି କ୍ରମାଗତ ଭାବରେ ଶକ୍ତି ସ୍ଥାନାନ୍ତର କରେ।

✓ 4. ପକ୍ଷୀର ମାଂସପେଶୀ ସଞ୍ଚିତ ରାସାୟନିକ ଶକ୍ତିକୁ ଗତିଜ ଶକ୍ତିରେ ରୂପାନ୍ତରିତ କରେ

Q.62 ଇଂରାଜୀ ବର୍ଣ୍ଣମାଳା କ୍ରମରେ ନିମ୍ନଲିଖିତ ଚାରୋଟି ଅକ୍ଷରପୁଞ୍ଜ ଯୋଡିଗୁଡ଼ିକ ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ତେଣୁ ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁ ଅକ୍ଷରପୁଞ୍ଜ ଯୋଡି ସେହି ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହେବ ନାହିଁ? (ଦ୍ରଷ୍ଟବ୍ୟ: ଅସାମଞ୍ଜସ୍ୟତା ବ୍ୟଞ୍ଜନବର୍ଣ୍ଣ/ସ୍ୱରବର୍ଣ୍ଣର ସଂଖ୍ୟା କିମ୍ବା ଅକ୍ଷର-ପୁଞ୍ଜରେ ସେମାନଙ୍କର ସ୍ଥିତି ଉପରେ ଆଧାରିତ ହୁଇଁ ।)

Ans

✗ 1. AW–VR

✗ 2. SO–NJ

✓ 3. NJ–HG

✗ 4. XT–SO

Q.63 କେଶବ, ପଏଣ୍ଟ A ରୁ ଆରମ୍ଭ କରି ପଶ୍ଚିମ ଦିଗକୁ 7 km ଡ୍ରାଇଭ କରନ୍ତି । ତା'ପରେ ସେ ବାମ ମୋଡ଼ ନେଇ 13 km ଡ୍ରାଇଭ କରନ୍ତି । ସେ ଶେଷ ବାମ ମୋଡ଼ ନେଇ 7 km ଡ୍ରାଇଭ କରନ୍ତି ଏବଂ ପଏଣ୍ଟ B ରେ ଅଟକି ଯାଆନ୍ତି । ପ୍ରଣୟ, ପଏଣ୍ଟ A ରୁ 10 km ଦୂର ପୂର୍ବ ଦିଗରେ ଥିବା ପଏଣ୍ଟ P ରୁ ଡ୍ରାଇଭ କରିବା ଆରମ୍ଭ କରନ୍ତି ଏବଂ ପୂର୍ବ ଦିଗକୁ 4 km ଡ୍ରାଇଭ କରନ୍ତି । ତା'ପରେ ସେ ଡାହାଣ ମୋଡ଼ ନେଇ 13 km ଡ୍ରାଇଭ କରନ୍ତି । ସେ ଶେଷ ଡାହାଣ ମୋଡ଼ ନେଇ 2 km ଡ୍ରାଇଭ କରନ୍ତି ଏବଂ ପଏଣ୍ଟ Q ରେ ଅଟକି ଯାଆନ୍ତି । ପଏଣ୍ଟ Q ଓ ପଏଣ୍ଟ B ମଧ୍ୟରେ ସର୍ବନିମ୍ନ ଦୂରତା କେତେ? (ସମସ୍ତ ମୋଡ଼ କେବଳ 90° ମୋଡ଼ ଅଟେ ।)

Ans

✗ 1. 13 km

✓ 2. 12 km

✗ 3. 11 km

✗ 4. 10 km

Q.64 A ଗୋଟିଏ କାମକୁ 4 ଦିନରେ ଶେଷ କରିପାରିବ, ଯେତେବେଳେ B ସେହି ସମାନ କାମକୁ 52 ଦିନରେ ଶେଷ କରିପାରିବ । B ଏକାକୀ 13 ଦିନ ପାଇଁ କାମ କରେ ଏବଂ ତା'ପରେ ଛାଡି ଚାଲିଯାଏ । A ଏକାକୀ କେତେ ଦିନରେ ଅବଶିଷ୍ଟ କାମ ସମାପ୍ତ କରିପାରିବ?

Ans

✓ 1. 3

✗ 2. 4

✗ 3. 2

✗ 4. 5

Q.65 ₹4984 କୁ ତିନୋଟି ଭାଗରେ ଏପରି ଭାବରେ ବିଭକ୍ତ କର ଯେପରି ପ୍ରଥମ ଭାଗର ଅଧା, ଦ୍ୱିତୀୟ ଭାଗର ଏକ ଚତୁର୍ଥାଂଶ ଏବଂ ତୃତୀୟ ଭାଗର ଏକ ଅଷ୍ଟମାଂଶ ପରସ୍ପର ସମାନ ହେବ। ତୃତୀୟ ଭାଗଟି ନିର୍ଣ୍ଣୟ କର (₹ ରେ)।

Ans

✓ 1. 2848

✗ 2. 2748

✗ 3. 3148

✗ 4. 2548

blackbook

Q.66 **EXTERNALITY** ଶବ୍ଦରେ ପ୍ରତ୍ୟେକ ସ୍ୱରବର୍ଣ୍ଣ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଠିକ ପରବର୍ତ୍ତୀ ଦ୍ୱିତୀୟ ଅକ୍ଷରରେ ପରିବର୍ତ୍ତିତ ହୁଏ ଏବଂ ପ୍ରତ୍ୟେକ ବ୍ୟଞ୍ଜନବର୍ଣ୍ଣ ଇଂରାଜୀ ବର୍ଣ୍ଣମାଳା କ୍ରମରେ ଠିକ ପୂର୍ବବର୍ତ୍ତୀ ଅକ୍ଷରରେ ପରିବର୍ତ୍ତିତ ହୁଏ । ଏହିପରି ଗଠିତ ଅକ୍ଷର ପୁଞ୍ଜରେ କେତୋଟି ଅକ୍ଷର ଠିକ ଦୁଇଥର ଦେଖାଯିବ?

Ans
- ✔ 1. ତିନି
- ✘ 2. ଦୁଇ
- ✘ 3. ଚାରି
- ✘ 4. ଏକ

Q.67 ନିମ୍ନରେ ପ୍ରଦତ୍ତ ଦୁଇଟି ଯୋଡି ଯେଉଁ ଢାଞ୍ଚା ଅନୁସରଣ କରେ ସେହି ସମାନ ଢାଞ୍ଚା ଅନୁସରଣ କରୁଥିବା ଯୋଡିକୁ ଚୟନ କରନ୍ତୁ । ଉଭୟ ଯୋଡି ସମାନ ଢାଞ୍ଚା ଅନୁସରଣ କରନ୍ତି ।

BKP : EMM
JLQ : MNN

Ans
- ✔ 1. QDJ : TFG
- ✘ 2. BPN : ESK
- ✘ 3. KXL : NYI
- ✘ 4. INX : LPV

Q.68 **BEFRIENDS** ଶବ୍ଦର ପ୍ରତ୍ୟେକ ସ୍ୱରବର୍ଣ୍ଣକୁ ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ଏହାର ଠିକ ପରବର୍ତ୍ତୀ ଦ୍ୱିତୀୟ ଅକ୍ଷରରେ ପରିବର୍ତ୍ତନ କରାଯାଇଛି ଏବଂ ପ୍ରତ୍ୟେକ ବ୍ୟଞ୍ଜନବର୍ଣ୍ଣକୁ ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ଏହାର ଠିକ ପୂର୍ବବର୍ତ୍ତୀ ଅକ୍ଷରରେ ପରିବର୍ତ୍ତନ କରାଯାଇଛି । ଏହିପରି ଗଠିତ ଅକ୍ଷର ଗୋଷ୍ଠୀରେ ନିମ୍ନଲିଖିତ ଅକ୍ଷରଗୁଡିକ ମଧ୍ୟରୁ କେଉଁଟି ଠିକ ଦୁଇଥର ଦେଖାଯିବ?

Ans
- ✘ 1. M
- ✘ 2. R
- ✔ 3. G
- ✘ 4. C

Q.69 କାର୍ଯ୍ୟ ପାଇଁ ଖାଦ୍ୟ କାର୍ଯ୍ୟକ୍ରମ **(Food for Work Programme)** ସ୍ଥାନରେ ଅକ୍ଟୋବର **1980** ରେ ନିମ୍ନଲିଖିତ ମଧ୍ୟରୁ କେଉଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା?

Ans
- ✔ 1. ଜାତୀୟ ଗ୍ରାମୀଣ ନିଯୁକ୍ତି କାର୍ଯ୍ୟକ୍ରମ (National Rural Employment Programme)
- ✘ 2. ସ୍ୱୟଂ ନିଯୁକ୍ତି ପାଇଁ ଗ୍ରାମୀଣ ଯୁବ ପ୍ରଶିକ୍ଷଣ (Training of Rural Youth for Self-Employment)
- ✘ 3. ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ (Integrated Rural Development Programme)
- ✘ 4. ଗ୍ରାମୀଣ ଅଞ୍ଚଳରେ ମହିଳା ଏବଂ ଶିଶୁ ବିକାଶ (Development of Women and Children in Rural Areas)

Q.70 ଦୁଇ ବନ୍ଧୁ **X** ଓ **Y** ଯଥାକ୍ରମେ **₹160** ଓ **₹230** ପ୍ରାରମ୍ଭିକ ପୁଞ୍ଜି ନିବେଶ କରି ଏକ ବ୍ୟବସାୟ ଆରମ୍ଭ କରିଥିଲେ । ଏକ ବର୍ଷ ଶେଷରେ ବ୍ୟବସାୟ ମୋଟ **₹54,951** ଲାଭ କରିଥିଲା । ଲାଭରେ **X** ଙ୍କ ଅଂଶ (₹ ରେ) କେତେ?

Ans
- ✘ 1. ₹22,549
- ✘ 2. ₹22,560
- ✔ 3. ₹22,544
- ✘ 4. ₹22,551

Q.71 ଗୋଟିଏ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଗଣିତରେ ପ୍ରାପ୍ତ ହାରାହାରି ମାର୍କ **77** ଥିଲା । ପୁଅମାନଙ୍କ ଦ୍ୱାରା ପ୍ରାପ୍ତ ହାରାହାରି ମାର୍କ ଝିଅମାନଙ୍କ ଦ୍ୱାରା ପ୍ରାପ୍ତ ହାରାହାରି ମାର୍କ ଅପେକ୍ଷା **60%** ଅଧିକ ଥିଲା । ଯଦି ପୁଅମାନଙ୍କ ସଂଖ୍ୟା ଏବଂ ଝିଅମାନଙ୍କ ସଂଖ୍ୟାର ଅନୁପାତ **7 : 2** ହୁଏ, ତେବେ ଝିଅମାନଙ୍କ ଦ୍ୱାରା ପ୍ରାପ୍ତ ହାରାହାରି ମାର୍କ କେତେ?

Ans
- ✘ 1. 54
- ✔ 2. 52.5
- ✘ 3. 47.6
- ✘ 4. 52

Q.72 **Which of the following allotropes of carbon does not conduct electricity?**

Ans
- ✔ 1. Diamond
- ✘ 2. Graphite
- ✘ 3. Charcoal
- ✘ 4. Fullerene

Black Book

Q.73 ଜଣେ ବ୍ୟକ୍ତି ଏକ ପାହାଡ଼ କଡ଼ରେ ତାଳି ମାରି କିଛି ସମୟ ବ୍ୟବଧାନରେ ପୁନର୍ବାର ସେହି ଶବ୍ଦ ଶୁଣନ୍ତି । କେଉଁ ଲକ୍ଷଣ ଏହି ପୁନରାବୃତ୍ତି ଶବ୍ଦଟି ଏକ ପ୍ରତିଧ୍ୱନିକୁ ନିଶ୍ଚିତ କରେ?

Ans

✗ 1. ପ୍ରତିଫଳିତ ଶବ୍ଦର ସ୍ୱର ମୂଳ ଶବ୍ଦର ସ୍ୱର ଅପେକ୍ଷା ଅଧିକ ଉଚ୍ଚ ଅଟେ

✗ 2. ପ୍ରତିଫଳିତ ଶବ୍ଦ ତାଳି ମାରିବା ସହିତ ସମାନ ମୁହୂର୍ତ୍ତରେ ଶୁଣାଯାଏ

✓ 3. ପ୍ରତିଫଳିତ ଶବ୍ଦ ଏକ ସ୍ପଷ୍ଟ ବିଳମ୍ବ ପରେ ଶୁଣାଯାଏ

✗ 4. ତାଳି ମାରିବା ତୁରନ୍ତ ପରେ ବିନା କୌଣସି ବିଳମ୍ବରେ ପ୍ରତିଫଳିତ ଶବ୍ଦ ଶୁଣାଯାଏ

Q.74 ନିମ୍ନଲିଖିତ ସରଳ ସମୀକରଣଗୁଡିକର ସମାଧାନ କର ।

$2x-y+3z=8,\ x-y-z=7,\ x+y+z=10$

Ans

✗ 1. $x=\frac{17}{2}, y=\frac{27}{8}, z=\frac{15}{8}$

✓ 2. $x=\frac{17}{2}, y=\frac{27}{8}, z=\frac{-15}{8}$

✗ 3. $x=\frac{-17}{2}, y=\frac{-27}{8}, z=\frac{15}{8}$

✗ 4. $x=\frac{17}{2}, y=\frac{-27}{8}, z=\frac{-15}{8}$

Q.75 ନିମ୍ନଲିଖିତ ଅକ୍ଷର, ପ୍ରତୀକ ଅନୁକ୍ରମ ଆଧାରରେ ପ୍ରଶ୍ନର ଉତ୍ତର ଦିଅନ୍ତୁ । ଗଣନା କେବଳ ବାମରୁ ଡାହାଣକୁ କରାଯିବ ।

(ବାମ) # $ V Y W Ω F K Q λ * D A B H T σ I K % Y (ଡାହାଣ)

ଯଦି ଅନୁକ୍ରମରୁ ସମସ୍ତ ଅକ୍ଷରକୁ ବାଦ ଦିଆଯାଏ, ତେବେ ନିମ୍ନଲିଖିତ ମଧ୍ୟରୁ କେଉଁଟି ବାମ ପାର୍ଶ୍ୱରୁ ଚତୁର୍ଥ ହେବ?

Ans

✗ 1. #

✓ 2. λ

✗ 3. σ

✗ 4. $

Q.76 ଭାରତରେ ସରକାରୀ ବ୍ୟୟର ହିସାବ ଯାଞ୍ଚ କରିବା ପାଇଁ ନିମ୍ନଲିଖିତ ମଧ୍ୟରୁ କେଉଁ ସଂସ୍ଥା ଦାୟୀ ଅଟେ?

Ans

✓ 1. ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ

✗ 2. କେନ୍ଦ୍ର ଦୁର୍ନୀତି ନିବାରଣ ଆୟୋଗ

✗ 3. କେନ୍ଦ୍ର ଲୋକ ସେବା ଆୟୋଗ

✗ 4. ଅର୍ଥ ଆୟୋଗ

Q.77 ନିମ୍ନଲିଖିତ ମଧ୍ୟରୁ କେଉଁଟି ସର୍ବୋତ୍ତମ ଭାବରେ ବ୍ୟାଖ୍ୟା କରେ ଯେ, ଏକ ପ୍ରକୃତ ଦ୍ରବଣ **(true solution)** ରେ ଟିଣ୍ଡାଲ ପ୍ରଭାବ କାହିଁକି ପରିଲକ୍ଷିତ ହୁଏ ନାହିଁ?

Ans

✓ 1. ପ୍ରକୃତ ଦ୍ରବଣରେ ଥିବା କଣିକାଗୁଡିକ ଆଲୋକ ବିଚ୍ଛୁରଣ କରିବା ପାଇଁ ବହୁତ ଛୋଟ ଅଟନ୍ତି

✗ 2. ଏକ ପ୍ରକୃତ ଦ୍ରବଣରେ ବାୟୁ ବୁଦବୁଦ ଅନୁପସ୍ଥିତ ଥାଏ

✗ 3. କଣିକାଗୁଡ଼ିକର ଏକ ଭିନ୍ନ ପ୍ରତିସରଣାଙ୍କ ଅଛି

✗ 4. ଏକ ପ୍ରକୃତ ଦ୍ରବଣରେ ଥିବା କଣିକାଗୁଡ଼ିକ ରଙ୍ଗିନ ହୋଇଥାନ୍ତି

Q.78 $\frac{\sqrt{\tan^2 A+(\operatorname{cosec}^2 A-1)+2}}{(\tan A+\cot A)}$ ର ମୂଲ୍ୟ ନିର୍ଣ୍ଣୟ କର ।

Ans

✓ 1. 1

✗ 2. 2

✗ 3. cotA

✗ 4. tanA

Q.79 ଅମନ ପୂଜାଙ୍କ ପୁଅ ଅଟେ । ପୂଜା ରାଜେଶଙ୍କ ସ୍ତ୍ରୀ ଅଟେ । ରାଜେଶ ଦୀପକଙ୍କ ଭାଇ ଅଟେ । ଦୀପକ କାବ୍ୟାଙ୍କ ବାପା ଅଟେ । ଅମନ ସମ୍ପର୍କରେ କାବ୍ୟାଙ୍କର କ'ଣ ହେବେ?

Ans

✗ 1. ବାପାଙ୍କ ଭଉଣୀଙ୍କ ପୁଅ

✗ 2. ମା'ଙ୍କ ଭାଇଙ୍କ ପୁଅ

✗ 3. ମା'ଙ୍କ ଭଉଣୀଙ୍କ ପୁଅ

✓ 4. ବାପାଙ୍କ ଭାଇଙ୍କ ପୁଅ

Q.80 ଏକ ଭାଗକ୍ରିୟା ସମସ୍ୟାରେ ଭାଜକ, ଭାଗଫଳର 18 ଗୁଣ ଅଟେ ଏବଂ ଭାଗଶେଷର 9 ଗୁଣ ଅଟେ । ଯଦି ଭାଗଶେଷ 40 ହୁଏ, ତେବେ ଭାଜ୍ୟ କେତେ?

Ans

✗ 1. 7238

✓ 2. 7240

✗ 3. 7244

✗ 4. 7237

Q.81 ଭାରତରେ ବ୍ରିଟିଶମାନଙ୍କର ଡିଭାଇଡ ଆଣ୍ଡ ରୁଲ ନୀତି ମୁଖ୍ୟତଃ ନିମ୍ନଲିଖିତ ମଧ୍ୟରୁ କେଉଁ ଧାରଣା ଉପରେ ଆଧାରିତ ଥିଲା?

Ans

✗ 1. ଏକ ସମ ନାଗରିକ ସଂହିତା ଏକ ବିବିଧ ଜନସଂଖ୍ୟାକୁ ଶାସନ କରିବାର ସବୁଠାରୁ ପ୍ରଭାବଶାଳୀ ମାଧ୍ୟମ ହେବ ।

✗ 2. ଶାନ୍ତି ବଜାୟ ରଖିବା ପାଇଁ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସହଯୋଗକୁ ବଢ଼ାଇବା ଅତ୍ୟନ୍ତ ଜରୁରୀ ଥିଲା ।

✗ 3. ଭାଷାଗତ ବିବିଧତାକୁ ପ୍ରୋତ୍ସାହିତ କରିବା ଦେଶର ଅର୍ଥନୈତିକ ବିକାଶରେ ସାହାଯ୍ୟ କରିବ ।

✓ 4. ପୂର୍ବରୁ ଥିବା କଠୋର ଧାର୍ମିକ ଏବଂ ଜାତିଗତ ପରିଚୟକୁ ସ୍ୱୀକୃତି ଦେବା ଏବଂ ଏହାକୁ ଦୃଢ଼ କରିବା ପ୍ରଭାବୀ ପ୍ରଶାସନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ।

Q.82 ଏକ ଆୟତାକାର ବାକ୍ସ (ଆୟତଘନ) ର ତିନୋଟି ସଂଲଗ୍ନ ବାହୁର କ୍ଷେତ୍ରଫଳ 120 ବର୍ଗ cm, 72 ବର୍ଗ cm, ଏବଂ 60 ବର୍ଗ cm ଅଟେ । ବାକ୍ସର ଆୟତନ କେତେ ?

Ans

✗ 1. 680 ଘନ cm

✓ 2. 720 ଘନ cm

✗ 3. 960 ଘନ cm

✗ 4. 840 ଘନ cm

Q.83 A, B, U, V, Y ଓ Z ପ୍ରତ୍ୟେକ ଭିନ୍ନ ଭିନ୍ନ ମାର୍କ ସ୍କୋର କରିଛନ୍ତି । U ଓ B ଙ୍କ ମଧ୍ୟରେ କେବଳ ଦୁଇଜଣ ଲୋକ ସ୍କୋର କରିଛନ୍ତି । A ଙ୍କ ଠାରୁ କେବଳ ଜଣେ ଲୋକ ଅଧିକ ସ୍କୋର କରିଛନ୍ତି । A ଓ U ଙ୍କ ମଧ୍ୟରେ କେବଳ ତିନି ଜଣ ଲୋକ ସ୍କୋର କରିଛନ୍ତି । Z, Y ଙ୍କ ଠାରୁ ଅଧିକ କିନ୍ତୁ V ଙ୍କ ଠାରୁ କମ ସ୍କୋର କରିଛନ୍ତି ।
କେତେ ଜଣ ଲୋକ A ଙ୍କ ଠାରୁ କମ ସ୍କୋର କରିଛନ୍ତି?

Ans

✓ 1. ଚାରି

✗ 2. ଏକ

✗ 3. ଦୁଇ

✗ 4. ତିନି

Q.84 ଦୁଇଟି ପାତ୍ରରେ ଭିନ୍ନ ସାନ୍ଦ୍ରତା ବିଶିଷ୍ଟ ନାଲି ରଙ୍ଗ (red dye) ରହିଛି: ଗୋଟିଏ 30% ଏବଂ ଅନ୍ୟଟି 50% ଅଟେ । ଯଦି ପ୍ରଥମର 4 ଲିଟର ଏବଂ ଦ୍ୱିତୀୟର 6 ଲିଟର ମିଶାଯାଏ, ତେବେ ସେହି ମିଶ୍ରଣରେ ନାଲି ରଙ୍ଗର ପ୍ରତିଶତ କେତେ?

Ans

✗ 1. 44%

✓ 2. 42%

✗ 3. 50%

✗ 4. 40%

Q.85 HCl ସହ ପ୍ରତିକ୍ରିୟା କରିବାରେ ନିମ୍ନଲିଖିତ ମଧ୍ୟରୁ କେଉଁ ଧାତୁଟି କମ ପ୍ରତିକ୍ରିୟାଶୀଳ ହେବ?

Ans

✓ 1. ଆଇରନ

✗ 2. ମ୍ୟାଗ୍ନେସିୟମ

✗ 3. ଜିଙ୍କ

✗ 4. ଆଲୁମିନିୟମ

blackboard

Q.86 7-ଅଙ୍କ ବିଶିଷ୍ଟ ସଂଖ୍ୟା 92A445B ଯଦି 4 ଦ୍ୱାରା ବିଭାଜ୍ୟ ଅଟେ । (A+B) ର ସର୍ବନିମ୍ନ ମୂଲ୍ୟ କେତେ?

Ans

✗ 1. 4

✓ 2. 2

✗ 3. 3

✗ 4. 6

Q.87 ହେନଲୀ ପାସପୋର୍ଟ ଇଣ୍ଡେକ୍ସର 2026 ସଂସ୍କରଣ ଅନୁଯାୟୀ ନିମ୍ନଲିଖିତ କେଉଁ ଦେଶର ପାସପୋର୍ଟ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସପୋର୍ଟ ଏବଂ 192 ଟି ଡେଷ୍ଟିନେସନକୁ ଭିସା-ଫ୍ରୀ ଆକସେସ ଥିଲା?

Ans

✗ 1. ଜାପାନ

✗ 2. ଦକ୍ଷିଣ କୋରିଆ

✗ 3. ସଂଯୁକ୍ତ ଆରବ ଏମିରେଟ୍ସ

✓ 4. ସିଙ୍ଗାପୁର

Q.88 ଏକ ବଲ୍ବ ମଧ୍ୟ ଦେଇ 10 ସେକେଣ୍ଡ ପାଇଁ 1 ଆମ୍ପିୟର ବିଦ୍ୟୁତ ସ୍ରୋତ ପ୍ରବାହିତ ହୁଏ । ଯଦି ସମୟକୁ ସମାନ ରଖି ବିଦ୍ୟୁତ ସ୍ରୋତର ପରିମାଣକୁ ଦ୍ୱିଗୁଣିତ କରାଯାଏ, ତେବେ ପ୍ରାରମ୍ଭିକ ଅବସ୍ଥା ତୁଳନାରେ ବଲ୍ବର ଫିଲାମେଣ୍ଟ ମଧ୍ୟ ଦେଇ କେତେ ପରିମାଣର ଚାର୍ଜ ପ୍ରବାହିତ ହେବ?

Ans

✗ 1. ପ୍ରାରମ୍ଭିକ ଅବସ୍ଥା ସହିତ ସମାନ ପରିମାଣ

✗ 2. ପ୍ରାରମ୍ଭିକ ଅବସ୍ଥାର ଚାରି ଗୁଣ

✓ 3. ପ୍ରାରମ୍ଭିକ ଅବସ୍ଥା ଅପେକ୍ଷା ଦୁଇଗୁଣ ଚାର୍ଜ

✗ 4. ପ୍ରାରମ୍ଭିକ ଅବସ୍ଥାର ଠିକ ଅଧା

Q.89 ଷ୍ଟ୍ରାଟୋସ୍ଫିୟରରେ ଉଚ୍ଚତା ସହିତ ତାପମାତ୍ରା କାହିଁକି ବୃଦ୍ଧି ପାଏ?

Ans

✗ 1. ପୃଥିବୀ ପୃଷ୍ଠ ସିଧାସଳଖ ଏହି ସ୍ତରକୁ ଗରମ କରିଥାଏ

✗ 2. ବାୟୁର ଭୁଲମ୍ବ ଭାବରେ ମିଶ୍ରଣ ହୋଇ ତାପ ବୃଦ୍ଧି କରିଥାଏ

✗ 3. ଜଳୀୟ ବାଷ୍ପ ଘନୀଭୂତ ହୋଇ ତାପ ଉତ୍ପନ୍ନ କରିଥାଏ

✓ 4. ଓଜୋନ ଯୁଭି (UV) ରଶ୍ମି ଅବଶୋଷଣ କରି ସ୍ତରକୁ ଗରମ କରିଥାଏ

Q.90 କେନ୍ଦ୍ର O ଏବଂ 17 cm ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ବୃତ୍ତର କେନ୍ଦ୍ରର ଗୋଟିଏ ପାର୍ଶ୍ୱରେ ଥିବା PQ ଏବଂ RS ଦୁଇଟି ସମାନ୍ତର ଜ୍ୟା ଅଟନ୍ତି । ଯଦି PQ = 16 cm ଏବଂ RS = 30 cm ହୁଏ, ତେବେ PQ ଏବଂ RS ମଧ୍ୟରେ ଦୂରତା (cm ରେ) କେତେ?

Ans

✗ 1. 5

✗ 2. 8

✗ 3. 6

✓ 4. 7

Q.91 ଅକ୍ଷତ ₹85100 କୁ ଅର୍ଦ୍ଧ-ବାର୍ଷିକ ଭାବରେ ଚକ୍ରବୃଦ୍ଧି ହେଉଥିବା ବାର୍ଷିକ 20% ଚକ୍ରବୃଦ୍ଧି ସୁଧ ହାରରେ 1 ବର୍ଷ ପାଇଁ ନିବେଶ କଲେ । ତାଙ୍କ ଦ୍ୱାରା ଅର୍ଜିତ ସମୂଳସୁଧ କେତେ?

Ans

✓ 1. ₹102971

✗ 2. ₹102649

✗ 3. ₹103140

✗ 4. ₹102904

Q.92 ନିମ୍ନରେ ସଂଖ୍ୟା ଗୁଡିକର ଦୁଇଟି ସେଟ ଦିଆଯାଇଛି । ସଂଖ୍ୟାର ପ୍ରତ୍ୟେକ ସେଟରେ, ପ୍ରଥମ ସଂଖ୍ୟାଟି ଉପରେ ନିର୍ଦ୍ଦିଷ୍ଟ ଗାଣିତିକ ପ୍ରକ୍ରିୟା ପ୍ରୟୋଗ କଲେ ଦ୍ୱିତୀୟ ସଂଖ୍ୟା ପ୍ରାପ୍ତ ହୁଏ । ସେହିଭଳି, ଦ୍ୱିତୀୟ ସଂଖ୍ୟା ଉପରେ ନିର୍ଦ୍ଦିଷ୍ଟ ଗାଣିତିକ ପ୍ରକ୍ରିୟା ପ୍ରୟୋଗ କଲେ ତୃତୀୟ ସଂଖ୍ୟା ପ୍ରାପ୍ତ ହୁଏ ଏବଂ ସେହିଭଳି ଜାରି ରହେ । ଦିଆଯାଇଥିବା ବିକଳ୍ପଗୁଡ଼ିକ ମଧ୍ୟରୁ କେଉଁଟି, ଦୁଇଟି ସେଟରେ ପ୍ରୟୋଗ ହୋଇଥିବା ଗାଣିତିକ ପ୍ରକ୍ରିୟା ଭଳି ସମାନ ପ୍ରକ୍ରିୟାର ସେଟକୁ ଅନୁସରଣ କରେ?
(ଦ୍ରଷ୍ଟବ୍ୟ- ଏକ ଦୁଇ/ତିନି-ଅଙ୍କ ବିଶିଷ୍ଟ ସଂଖ୍ୟାକୁ ପ୍ରକ୍ରିୟା ପାଇଁ ପୃଥକ ଅଙ୍କରେ ଭଙ୍ଗା ଯାଇପାରିବ ନାହିଁ, ଉଦାହରଣ ସ୍ୱରୂପ ଯଦି 37 ପରେ 10 ଅଛି, ତେବେ ପ୍ରକ୍ରିୟା 3+7 ହୋଇପାରିବ ନାହିଁ କାରଣ ଏକ ଦୁଇ-ଅଙ୍କ ବିଶିଷ୍ଟ ସଂଖ୍ୟାକୁ ପୃଥକ ଅଙ୍କରେ ଭଙ୍ଗା ଯାଇପାରିବ ନାହିଁ।)

9 – 36 – 72 – 90;
11 – 44 – 88 – 106

Ans
- ✗ 1. 4 – 64 – 128 – 146
- ✓ 2. 8 – 32 – 64 – 82
- ✗ 3. 7 – 28 – 56 – 72
- ✗ 4. 6 – 24 – 48 – 64

Q.93 ଗୀତାଞ୍ଜଳି ଯଥାକ୍ରମେ **50 km/h, 60 km/h** ଏବଂ **80 km/h** ବେଗରେ ତିନୋଟି ସମାନ ଦୂରତା ଅତିକ୍ରମ କରନ୍ତି । ଯାତ୍ରାର ହାରାହାରି ବେଗ ନିର୍ଣ୍ଣୟ କର । ଦୁଇ ଦଶମିକ ସ୍ଥାନ ପର୍ଯ୍ୟନ୍ତ ଉତ୍ତର ଦିଅ ।

Ans
- ✗ 1. 64.23 km/h
- ✗ 2. 65.02 km/h
- ✓ 3. 61.02 km/h
- ✗ 4. 62.01 km/h

Q.94 **M, N, O, X, Y** ଏବଂ **Z** ଗୋଟିଏ କୋଠାର ଛଅଟି ଭିନ୍ନ ମହଲାରେ ରୁହନ୍ତି । କୋଠାର ସର୍ବନିମ୍ନ ମହଲାକୁ ନମ୍ବର **1**, ତା' ଉପର ମହଲାକୁ ନମ୍ବର **2** ଏବଂ ଏହିପରି କ୍ରମରେ ସର୍ବୋଚ୍ଚ ମହଲାକୁ ନମ୍ବର **6** ଦିଆଯାଇଛି ।
M ଏବଂ **Z** ଙ୍କ ମଧ୍ୟରେ କେବଳ ଦୁଇଜଣ ବ୍ୟକ୍ତି ରୁହନ୍ତି । **O** ଏବଂ **Y** ଙ୍କ ମଧ୍ୟରେ କେବଳ ଦୁଇଜଣ ବ୍ୟକ୍ତି ରୁହନ୍ତି । **N** ଏବଂ **Y** ଙ୍କ ମଧ୍ୟରେ କେବଳ ଜଣେ ବ୍ୟକ୍ତି ରୁହନ୍ତି । **1** ନମ୍ବର ମହଲାରେ **N** ରୁହନ୍ତି । **Y** ଙ୍କ ଉପରେ **M** ରୁହନ୍ତି ।
X ଙ୍କ ଉପରେ କେତେଜଣ ବ୍ୟକ୍ତି ରୁହନ୍ତି?

Ans
- ✓ 1. ଦୁଇ
- ✗ 2. ଚାରି
- ✗ 3. ଏକ
- ✗ 4. ତିନି

Q.95 ନିମ୍ନଲିଖିତ ମଧ୍ୟରୁ କେଉଁଟି ପଞ୍ଚାୟତ ସମିତିର ଏକ ବିପର୍ଯ୍ୟୟ ସମ୍ପର୍କିତ କାର୍ଯ୍ୟ ଅଟେ?

Ans
- ✓ 1. ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ ପ୍ରଦାନ କରିବା
- ✗ 2. ବିପର୍ଯ୍ୟୟ କୁପରିଚାଳନା ଉପରେ ନ୍ୟାୟିକ ତଦନ୍ତର ସମନ୍ୱୟ ରକ୍ଷା କରିବା
- ✗ 3. ପ୍ରଭାବିତ ପରିବାରଗୁଡ଼ିକୁ ଇନସୁରାନ୍ସ କ୍ଲେମ ଜାରି କରିବା
- ✗ 4. କେନ୍ଦ୍ରୀୟ ଯୋଜନାଗୁଡ଼ିକରୁ ଥଇଥାନ ପାଣ୍ଠି ଲାଗୁ କରିବା

Q.96 ସାତଜଣ ବ୍ୟକ୍ତି **D, E, F, G, U, V** ଓ **W** ଉତ୍ତର ଦିଗକୁ ମୁହଁ କରି ଏକ ଧାଡ଼ିରେ ବସିଛନ୍ତି । ଧାଡ଼ି ର ଡାହାଣ ପ୍ରାନ୍ତ ଦ୍ୱିତୀୟ ସ୍ଥାନରେ **D** ବସିଛନ୍ତି । **U** ର ଠିକ ବାମ ପାର୍ଶ୍ୱରେ **G** ବସିଛନ୍ତି । **E** ଓ **D** ଙ୍କ ମଧ୍ୟରେ କେବଳ ଚାରି ଜଣ ବ୍ୟକ୍ତି ବସିଛନ୍ତି । **W** ର ଡାହାଣ ପାର୍ଶ୍ୱରେ କେବଳ ତିନି ଜଣ ବ୍ୟକ୍ତି ବସିଛନ୍ତି । **W** ର ନିକଟତମ ପଡ଼ୋଶୀ **V** ନୁହଁନ୍ତି ।
E ଓ **W** ଙ୍କ ମଧ୍ୟରେ କେତେ ଜଣ ବ୍ୟକ୍ତି ବସିଛନ୍ତି?

Ans
- ✗ 1. ତିନି
- ✗ 2. ଚାରି
- ✓ 3. ଦୁଇ
- ✗ 4. ଏକ

Q.97 ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ପ୍ରଦତ୍ତ ଅନୁକ୍ରମରେ (?) ସ୍ଥାନରେ କ'ଣ ଆସିବ?
IKN HJM GIL FHK ?

Ans
- ✓ 1. EGJ
- ✗ 2. EHI
- ✗ 3. EHJ
- ✗ 4. EGI

black book

Q.98 ଜଣେ ବାୟୋମେଡିକାଲ ଇଞ୍ଜିନିୟର ଏକ **MRI** ମେସିନ୍‌ର ଡିଜାଇନ୍ ପ୍ରସ୍ତୁତ କରୁଛନ୍ତି, ଯେଉଁଥିରେ ଇମେଜିଙ୍ଗ ଚାମ୍ବର ଭିତରେ ଏକ ସମ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରିବା ପାଇଁ ଏକ ସଲେନଏଡ ବ୍ୟବହାର କରାଯାଏ । ବିଦ୍ୟୁତ ପ୍ରବାହକୁ ପରିବର୍ତ୍ତନ ନକରି ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ବୃଦ୍ଧି କରିବା ପାଇଁ, ସେ ସଲେନଏଡର ଡିଜାଇନ ବଦଳାଇବାକୁ ବିଚାର କରୁଛନ୍ତି । ଚାମ୍ବରର ଆକାରକୁ ସ୍ଥିର ରଖି ଏହାର ଭିତର ଚୁମ୍ବକୀୟ କ୍ଷେତ୍ରକୁ ସବୁଠାରୁ ପ୍ରଭାବଶାଳୀ ଭାବେ ବୃଦ୍ଧି କରିବା ପାଇଁ କେଉଁ ରୂପାନ୍ତରଣଟି ସର୍ବୋତ୍ତମ ହେବ?

Ans

✔ 1. ସଲେନଏଡ୍‌ର ପ୍ରତି ଏକକ ଦୈର୍ଘ୍ୟରେ ଘନ ଭାବେ ଗୁଡ଼ାଯାଇଥିବା ଘେର ସଂଖ୍ୟା ବୃଦ୍ଧି କରି

✘ 2. ସଲେନଏଡ ଭିତରେ କୁଣ୍ଡଳୀ ପାଇଁ ଏକ ମୋଟା ତାର ବ୍ୟବହାର କରି

✘ 3. ସଲେନଏଡ ଭିତରେ ଏକ ଅଚୁମ୍ବକୀୟ (ଯେପରିକି ପ୍ଲାଷ୍ଟିକ୍) କୋର ରଖି

✘ 4. ସେହି ସମାନ ପ୍ରକୋଷ୍ଠ ମଧ୍ୟରେ ସଲେନଏଡର ଘେରଗୁଡ଼ିକୁ ପରସ୍ପର ଠାରୁ ଅଧିକ ଦୂରତାରେ ରଖି

Q.99 ସପୁଷ୍ପକ ଉଦ୍ଭିଦଗୁଡ଼ିକରେ ପରାଗ ରେଣୁ ଫଳିକାଶୀର୍ଷରେ ପହଞ୍ଚିବା ପରେ ନିମ୍ନଲିଖିତ ମଧ୍ୟରୁ କେଉଁ ପ୍ରକ୍ରିୟାଟି ସଂଘଟିତ ହୋଇଥାଏ?

Ans

✘ 1. ଫୁଲ ଦ୍ୱାରା ମକରନ୍ଦ ଉତ୍ପନ୍ନ ହୋଇଥାଏ ।

✘ 2. ଡିମ୍ବାଶୟଟି ଏକ ଫୁଲରେ ବିକଶିତ ହୋଇଥାଏ ।

✘ 3. ପରାଗ ଟି ସିଧାସଳଖ ଏକ ବୀଜରେ ପରିଣତ ହୋଇଥାଏ ।

✔ 4. ଡିମ୍ବକ ମଧ୍ୟରେ ସମାୟନ ପ୍ରକ୍ରିୟା ସଂଘଟିତ ହୋଇଥାଏ ।

Q.100 ଜଣେ ବିଦ୍ୟାର୍ଥୀ ପର୍ଯ୍ୟବେକ୍ଷଣ କରନ୍ତି ଯେ ଆଲୋକ ବାୟୁରୁ ଜଳ ମଧ୍ୟକୁ ପ୍ରବେଶ କରିବା ସମୟରେ ଅଭିଲମ୍ବ (normal) ଆଡ଼କୁ ବଙ୍କେଇଯାଏ । ଏଥିରୁ ବାୟୁ ତୁଳନାରେ ଜଳର ପ୍ରତିସରଣାଙ୍କ ସମ୍ପର୍କରେ କଣ ସୂଚନା ମିଳେ?

Ans

✘ 1. ଜଳର ପ୍ରତିସରଣାଙ୍କ ବାୟୁ ତୁଳନାରେ କମ ଅଟେ

✘ 2. ଜଳର ପ୍ରତିସରଣାଙ୍କ କେବଳ ଆଲୋକର ତରଙ୍ଗଦୈର୍ଘ୍ୟ ଉପରେ ନିର୍ଭର କରେ

✘ 3. ଜଳ ଏବଂ ବାୟୁର ପ୍ରତିସରଣାଙ୍କ ସମାନ ଅଟେ

✔ 4. ଜଳର ପ୍ରତିସରଣାଙ୍କ ବାୟୁ ତୁଳନାରେ ଅଧିକ ଅଟେ

"

Black Book